## ସଂକ୍ଷେପରେ

### ୨ ବଖରା ଜଳିଗଲା



ରସୁଲପୁର,୪।୯(ରଞ୍ଜି ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ଟିକରପଡ଼ା ପଞ୍ଚାୟତରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ପଞ୍ଚାୟତର କାଳନ୍ଦୀ ବେହେରାଙ୍କ ୨ବଖରା ଘର ଜଳି ପାଉଁଶ ହୋଇଯାଇଛି। ରସୁଲପୁର ଦମକଳବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ନିଆଁ ଲାଗିଥିବା କାଳନ୍ଦୀଙ୍କ ପରିବାର ଲୋକେ ଜାଣି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ଚଣ୍ଡିଖୋଲ ପ୍ରେସ୍‌କ୍ଲବ୍ ପ୍ରାକ୍ତନ ସଭାପତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବଡ଼ଚଣା,୪।୯(ଦିଲୀପ କୁମାର ମହାନ୍ତି)

ଚଣ୍ଡିଖୋଲ ପ୍ରେସ୍‌କ୍ଲବର ପ୍ରାକ୍ତନ ସଭାପତି ପ୍ରଦୀପ୍ତ କୁମାର ପରିଡ଼ାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯିବା ସହ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ଏହି ଉପଲକ୍ଷେ ଚଣ୍ଡିଖୋଲ ପ୍ରେସ୍ କ୍ଲବଠାରେ କାର୍ଯ୍ୟକାରୀ ସଭାପତି ବେଣୁଧର ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଖବରଦାତା ଶିବରାମ ସାହୁ, ପ୍ରସନ୍ନ କୁମାର ବିଶ୍ୱାଳ, ମୋହନ ଖିଲାର, ସମରେନ୍ଦ୍ର ମାହାଲା, ମହେଶ୍ୱର ରାଉତ, ସେକ୍ ସବିରୁଦ୍ଦିନ, ସଞ୍ଜୟ କୁମାର ସ୍ୱାଇଁ, ଭାରତ ଭୂଷଣ ପଣ୍ଡା, ବସନ୍ତ କୁମାର ପଲେଇ, ହେମଶ ଜେନା, ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ ପରିଡ଼ାଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ପରେ ପରିଡ଼ାଙ୍କ ପୁତ୍ର ଡ. ପ୍ରଶାନ୍ତ କୁମାର ପରିଡ଼ାଙ୍କ ସହଯୋଗରେ ତାଙ୍କ ଜନ୍ମସ୍ଥାନ ଗରଗାଲିଠାରେ ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ବଡ଼ଚଣା ବିଧାୟକ ଅମର ନାୟକ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏଥିରେ ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଡ. ରବି ଜୀ, ସରପଞ୍ଚ ପ୍ରମିତା ରାଉତ, ନିରଞ୍ଜନ ସାହୁ, ଡକ୍ଟର ସୁଧୀର ସାମଲ, ବିଶ୍ୱନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ଲକ୍ଷ୍ମୀନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦେଲେ ଡାକ୍ତର



ରସୁଲପୁର,୪।୯(ରଂଜିତ ରାଉତ)

ରସୁଲପୁର ବ୍ଲକ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଲକ୍ଷ୍ମୀନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୁବ ଡା. ଶୁଭ୍ରାଂଶୁ କୁମାର ରାଉତ ଯୋଗ ଦେଇଛନ୍ତି। ଏହାପରେ ଲକ୍ଷ୍ମୀନଗର ସରପଞ୍ଚ ସର୍ବେଶ୍ୱର ସାହୁ, ଆଞ୍ଚଳିକ ହିଙ୍ଗୁଳା କମିଟି ସଭାପତି ଅନନ୍ତ ଚରଣ ସାହୁ, ଡାକ୍ତରଖାନାର କର୍ମଚାରୀ ବାବାଜୀ ଚରଣ ସାହୁ, ନାରାୟଣ ଚନ୍ଦ୍ର ପାଲ, କୃଷ୍ଣଚନ୍ଦ୍ର ଜେନା, ମନ୍ମଥ ସାହୁ ପ୍ରମୁଖ ଡାକ୍ତରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ଦୀର୍ଘଦିନ ହେବ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଶୂନ୍ୟ ହୋଇପଡ଼ିଥିଲା। ଏଠାରେ ଥିବା ଡାକ୍ତର ଅନିର୍ଦ୍ଦିଷ୍ଟକାଳ ପାଇଁ ଛୁଟିରେ ରହି ଥିବାରୁ ରୋଗୀ ଆସୁ ନ ଥିଲେ। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଯାଜପୁର ରୋଡ କ୍ଷେତ୍ରୀୟ ହସ୍ପିଟାଲ ଉପରେ ନିର୍ଭର କରୁଥିଲେ। ଡାକ୍ତରଖାନରେ ନିରାମୟ ଯୋଜନା ବନ୍ଦ ହୋଇଯାଇଥିଲା। ଡାକ୍ତରଖାନା ଦୂରାବସ୍ଥା ସମ୍ପର୍କରେ ସରପଞ୍ଚ ସାହୁ ଓ ଆଞ୍ଚଳିକ ହିଙ୍ଗୁଳା କମିଟି କାର୍ଯ୍ୟକର୍ତ୍ତା କୋରେଇ ବିଧାୟକ ଆକାଶ ଦାସନାୟକଙ୍କୁ ଅବଗତ କରାଇଥିଲେ। ପରେ ବିଧାୟକ ଜଣେ ଯୁବ ଡାକ୍ତରଙ୍କୁ ନିଯୁକ୍ତି ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ବିଧାୟକଙ୍କ ସହଯୋଗ ପାଇଁ ଅଞ୍ଚଳବାସୀ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପର୍ଯ୍ୟଟନ ଭବନ ପାଲଟିଛି ଭୂତକୋଠି

ଚଣ୍ଡିଖୋଲ,୪।୯(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ରଭାବେ ଆନ୍ତର୍ଜାତିକ ସ୍ତରରେ ଉଦୟଗିରି ଓ ରତ୍ନଗିରିର ଅବଦାନ କମ୍ ନୁହେଁ। ଏଥିସହିତ କଟକ ଜିଲାର ଲଳିତଗିରିକୁ ନେଇ ହୀରକ ତ୍ରିଭୁଜ ଭାବେ ଖ୍ୟାତି ଲାଭ କରିଛି। ତ୍ରିକୋଣ ଭୂମି ଉପରେ ରହିଥିବାରୁ ଏହାକୁ ହୀରକ ତ୍ରିଭୁଜ କୁହାଯାଏ। ଦେଶ ବିଦେଶର ପର୍ଯ୍ୟଟକମାନଙ୍କ ରହଣି ପାଇଁ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତରାଜପୁର ଜାତୀୟ ରାଜପଥ ୫୩ନଂ. କଡ଼ରେ ନିର୍ମାଣ ହୋଇଥିଲା ପର୍ଯ୍ୟଟନ ଭବନ। ପତରାଜପୁରଠାରେ ୨ ଭବନ ଯଥା; ତୋଷାଳି ଓ ନିର୍ବାଣ ନିର୍ମାଣ କରାଯାଉଥିଲା। ବୌଦ୍ଧ ପୀଠକୁ ଆସିବାକୁ ଥିବା ପର୍ଯ୍ୟଟକମାନେ ଏଠାରେ ରହିଆନ୍ତି। ଏବେ ଏହି ଦୁଇଟି ଭବନ ଭୂତକୋଠି ପାଲଟିଛି। ୩ ଏକର ପରିମିତ ଜମି ଉପରେ ନିର୍ମାଣ ହୋଇଥିବା ନିର୍ବାଣ ଓ ତୋଷାଳି ଭାଙ୍ଗି ଛାରଖାର ହୋଇଯାଇଛି। ବହୁ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ୨ ପର୍ଯ୍ୟଟକ ଭବନ ଅବସ୍ଥା କହିଲେ ନସରେ। ଉଦୟଗିରିଠାରେ ୩ ଥର ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀକୁ ଆସିଥିବା ପର୍ଯ୍ୟଟକମାନେ ପତରାଜପୁରଠାରେ ଥିବା ତୋଷାଳି ଭବନରେ ରାତ୍ରି ଯାପନ କରିବା ସହ ସେମିନାର କରୁଥିଲେ।



ପର୍ଯ୍ୟଟକଙ୍କ ପାଇଁ ନିର୍ମାଣ ହୋଇଥିବା ନିର୍ବାଣ ଭବନ।



ପତରାଜପୁରଠାରେ ଥିବା ତୋଷାଳି ଭବନ।

୨୦୧୨ରେ ନିର୍ମାଣ କାର୍ଯ୍ୟ ଶେଷ ହୋଇ ୭ ବର୍ଷ ଭବନ କାମରେ ଲାଗିବା ପରେ ୨୦୧୯ରୁ ତାଲା ପଡ଼ିରହିଛି। ଦ୍ୱିତଳ ବିଶିଷ୍ଟ ଏହି ଅତିଥି ଭବନରେ ରହିବା, ଖାଇବା ଓ ସମ୍ମିଳନୀ କକ୍ଷ ସହିତ ସମସ୍ତ ସୁବିଧା ଉପଲବ୍ଧ ରହିଥିଲା। ଦୀର୍ଘ ୫ ବର୍ଷ ହେବ ଏହା ବନ୍ଦ ହୋଇ ପଡ଼ିବା ଯୋଗୁ ଭବନ ପରିସରରୁ ସମସ୍ତ ସମଗ୍ରୀ ଚୋରି ହୋଇଗଲାଣି। ସେହିଭଳି ଏହା ପାଖରେ ରହିଥିବା ନିର୍ବାଣ ଇନ ନାମକ ପର୍ଯ୍ୟଟନ ଭବନ ୨୦୦୨ରେ ଉଦ୍‌ଘାଟିତ ହୋଇଥିଲା। ପର୍ଯ୍ୟଟନ ବିଭାଗ ଦ୍ୱାରା

### ପର୍ଯ୍ୟଟନ ଶିଳ୍ପ ପ୍ରତି ଅଣଦେଖା

ନିର୍ମାଣ ହୋଇଥିବା ଏହି ନିର୍ବାଣ ପର୍ଯ୍ୟଟନ ଭବନକୁ ତତ୍କାଳୀନ ବାଚସ୍ପତି ଶରତ କୁମାର କରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏବେ ଏହାର କବାଟ, ଝରକା ମଧନାହିଁ। କେବଳ ସେତିକି ନୁହେଁ ଏହାର କାନ୍ଥ, ଇଟା ମଧ ଖୋଲି ନେଇ ଗଲେଣି। ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜିପୂର୍ଣ୍ଣ ହୀରକ ତ୍ରିଭୁଜ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନଙ୍କ ରହଣି ନିମନ୍ତେ ଆଉ ସେଭଳି କୌଣସି ପାନ୍ଥଶାଳା ନାହିଁ। ପର୍ଯ୍ୟଟକମାନଙ୍କ ସୁବିଧା ନିମନ୍ତେ ହୋଇଥିବା ପର୍ଯ୍ୟଟନ କେନ୍ଦ୍ର ବା ଅତିଥି ଭବନର ଅବସ୍ଥା ଏପରି ରହିଲେ କିପରି ପର୍ଯ୍ୟଟନ ଶିଳ୍ପର ବିକାଶ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହାର ପୁନରୁଦ୍ଧାର କଲେ ପର୍ଯ୍ୟଟନ କ୍ଷେତ୍ର ପ୍ରତି ପର୍ଯ୍ୟଟକଙ୍କ ଆକର୍ଷଣ ବୃଦ୍ଧି ହେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ରଖିଛନ୍ତି। ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ହିମାଳୟ ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ପତରାଜପୁରଠାରେ ଥିବା ୨ ପର୍ଯ୍ୟଟନ ଭବନ ସମ୍ପର୍କରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଅବଗତ ଅଛି। ଜିଲାରେ ଥିବା ଅନ୍ୟ ପର୍ଯ୍ୟଟନ ଭବନର ନବୀକରଣ କାର୍ଯ୍ୟଚାଲିଛି। ଏହାସରିବା ପରେ ପତରାଜପୁରଠାରେ ଥିବା ୨ ପର୍ଯ୍ୟଟନ ଭବନର କାର୍ଯ୍ୟ ଆରମ୍ଭ ହେବ।

# ବରିଷ୍ଠ ନାଗରିକ ମଞ୍ଚର ବୈଠକ

ଯାଜପୁର ସଦର,୪।୯(ସମର ବିଜୟ ଶରଣ)

ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ଛକ ନିକଟ ମା'ତାରାଦେବୀ ମନ୍ଦିର ପରିସରରେ ଯାଜପୁର ସଦର ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ସଭାପତି ଗଦାଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ମଞ୍ଚ କାର୍ଯ୍ୟକାରୀ କମିଟିର ପୂର୍ବତନ ସଦସ୍ୟ ଆନନ୍ଦ ଚନ୍ଦ୍ର ସାହୁଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଜଣେ ପରୋପକାରୀ, ଦରଦୀ, ସମାଜସେବୀଙ୍କୁ ମଞ୍ଚ ହରାଇଲା ବୋଲି ସଭାପତି କହିଥିଲେ। ପରେ ଗତ ବୈଠକରେ ହୋଇଥିବା ନିଷ୍ପତ୍ତି କେତେ କାର୍ଯ୍ୟକାରୀ ହୋଇଛି ସଭାପତି ତା'ର ତର୍ଜମା କରିଥିଲେ। ଆଗାମୀ ଦିନରେ ମଞ୍ଚ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟ ଯଥା ; ଚାରାରୋପଣ, ପରିବେଶ ସ୍ୱଚ୍ଛତା, ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ନୂତନଭାବେ ସଦସ୍ୟ ହୋଇଥିବା ବ୍ୟକ୍ତିଙ୍କୁ ଶୀଘ୍ର ପରିଚୟ ପତ୍ର ପ୍ରଦାନ ପାଇଁ ସଦର ଥାନାଧିକାରୀଙ୍କ ସହ ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସମ୍ପାଦକ ପ୍ରଫୁଲ୍ଲ ଓଝା ଗ୍ରାମାଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକଙ୍କୁ ସଦସ୍ୟ ଭାବେ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମଦନ ମୋହନ ପୃଷ୍ଟି, କୀର୍ତ୍ତନ ବେହେରା, ବିରଜା କିଙ୍କର ନାୟକ, ଗଜେନ୍ଦ୍ର ମହାନ୍ତି, ବିନୋଦ ଶତପଥୀ, ରଞ୍ଜନ ସିନା, ମାୟାଧର ଲେଙ୍କା ଓ ଗୁରୁ ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଯୋଗଦେଇଥିବା ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା।

# ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ବରଖାସ୍ତ ଦାବି

ରସୁଲପୁର,୪।୯(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଚି ପଞ୍ଚାୟତ ଗରୁଆଳ ଗ୍ରାମସ୍ଥିତ ଅଲ ଓଡ଼ିଶା ଯୋଗ ଥେରାପି ଆସୋସିଏଶନ ପକ୍ଷରୁ ରାଜ୍ୟପାଳ ରଘୁବର ଦାସଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ବରଖାସ୍ତ କରାଯିବା ସହ ସେଠାରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ନିବେଦନ କରାଯାଇଛି। ଆସୋସିଏଶନ ସଭାପତି ବନମାଳୀ ରଥ କହିଛନ୍ତି, ଆର୍‌ଜି କର ମେଡିକାଲ କଲେଜର ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା କରାଯିବା ଘଟଣାକୁ ନେଇ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଛି। ଘଟଣାକୁ ନେଇ ପଶ୍ଚିମବଙ୍ଗରେ ବନ୍ଦ, ହରତାଳ ଭଳି ଜନ ଆନ୍ଦୋଳନ ଚାଲିଛି। ମାତ୍ର ହିଂସା ନିୟନ୍ତ୍ରଣ, ଦୋଷୀଙ୍କୁ ଠାବ କରିବା ଓ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବାରେ ମୁଖ୍ୟମନ୍ତ୍ରୀ ବିଫଳ ହୋଇଛନ୍ତି। ଅପରପକ୍ଷରେ ମମତା ଦେଶବାସୀଙ୍କୁ ଧମକ ଦେଇ କହୁଛନ୍ତି, ପଶ୍ଚିମବଙ୍ଗରେ ହିଂସା ଉପୁଜିଲେ ଦେଶରେ ନିଆଁ ଜଳିବ। ଏହିଭଳି ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରଥ ପ୍ରକାଶ କରିଛନ୍ତି।

# ଖଣିରେ ପରିବେଶଜନିତ ଆହ୍ୱାନ ସମ୍ପର୍କିତ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅଧିକାରୀ ଓ ଅନ୍ୟମାନେ।

କାଳିଆପାଣି,୪।୯(ଅସିତ ମହାନ୍ତ)

ମାଇନିଂ ଇଞ୍ଜିନିୟରସ ଆସୋସିଏଶନ ଅଫ ଇଣ୍ଡିଆ (ଏମ୍‌ଇଏଆଇ) ଭୁବନେଶ୍ୱର-ସୁକିନ୍ଦା ଚାପ୍ଟର ପକ୍ଷରୁ ଟାଟାଷ୍ଟିଲର ସୁକିନ୍ଦା କ୍ରୋମାଇଟ ମାଇନିଂଠାରେ ଖଣି କ୍ଷେତ୍ରରେ ପରିବେଶ ଜନିତ ଆହ୍ୱାନ, ଅନୁଶୀଳନ ଓ ତାହାର ସମାଧାନ ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଣି ବିଶେଷଜ୍ଞ, ଅଂଶୀଦାର ଓ ଶିଳ୍ପ ନେତୃବୃନ୍ଦ ଯୋଗଦେଇ ଖଣି କ୍ଷେତ୍ର ସାମ୍ନା କରୁଥିବା ପରିବେଶ ଜନିତ ଆହ୍ୱାନ ଓ ତା'ର ସ୍ଥାୟୀ ସମାଧାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥିଭାବେ ବରିଷ୍ଠ ପରିବେଶ ଇଞ୍ଜିନିୟର ମଦନ ମୋହନ ସାହୁ ଯୋଗଦେଇ ଖଣି ସମ୍ପର୍କିତ ପରିବେଶ ଆହ୍ୱାନକୁ ମୁକାବିଲା କରିବା ଲାଗି ପ୍ରତ୍ୟକ୍ଷ ଓ ମିଳିତ ଉଦ୍ୟମର ଗୁରୁତ୍ୱ ବିଷୟରେ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏମ୍‌ଇଏଆଇ ଭୁବନେଶ୍ୱର-ସୁକିନ୍ଦା ଚାପ୍ଟରର ସମ୍ପାଦକ ଶମ୍ଭୁ ନାଥ ଝା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଭୁବନେଶ୍ୱର-ସୁକିନ୍ଦା ଚାପ୍ଟରର ଅଧ୍ୟକ୍ଷ ତଥା ଟାଟା ଷ୍ଟିଲ ଏଫଏଏମ୍‌ଡିର ଏକ୍‌ଜିକ୍ୟୁଟିଭ ଇନ୍‌ଚାର୍ଜ ପଙ୍କଜ ସତିଜା କହିଥିଲେ, ଦୀର୍ଘସ୍ଥାୟୀ ଖଣି ଖନନ (ସଷ୍ଟେନେବଲ ମାଇନିଂ) ଏକ ବିକଳ୍ପ ନୁହେଁ ବରଂ ଦାୟିତ୍ୱ ବୋଲି ମୋର ବିଶ୍ୱାସ ରହିଛି। ଏଥିସହିତ ୨୦୭୦ ସୁଦ୍ଧା ନେଟ ଜିରୋ ହାସଲ ଲାଗି ଭାରତ ରଖିଥିବା ଲକ୍ଷ୍ୟ ଉପରେ ସେ ଆଲୋକପାତ କରିଥିଲେ।

# ଥାନା ନିକଟରେ ଚୋରା ମଦ କାରବାର

ଯାଜପୁର,୪।୯(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଅଳକୁଣ୍ଡ ଥାନା ଅଞ୍ଚଳରେ ଚୋରାମଦ କାରବାର ଉପରେ ପୋଲିସ ଓ ଅବକାରୀ ବିଭାଗ ନିୟନ୍ତ୍ରଣ କରି ପାରିନାହିଁ। ଫଳରେ ପ୍ରୀତିପୁର, ଅଳକୁଣ୍ଡ, ଡିଅକୁଳ ଆଦି ଅଞ୍ଚଳରେ ଚୋରା ମଦ ଭାଟିରେ ନକଲି ମଦ ତିଆରି ହେଉଥିବା ଅଭିଯୋଗ ହୋଇଛି। ସବୁଠାରୁ ବଡ଼ କଥା ହେଉଛି ଅଳକୁଣ୍ଡ ଥାନାଠାରୁ ମାତ୍ର ୧୦୦ ମିଟର ଦୂରରେ ବେଆଇନ ମଦ ବିକ୍ରୟ ହେଉଛି। ପୋଲିସ ଓ ଅବକାରୀ ବିଭାଗର ଜାଣତରେ ବେଆଇନ ଚୋରା ମଦ ବିକ୍ରୀ ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚୋରା ମଦ ପିଇ ଅସାମାଜିକ ଯୁବକମାନେ ସ୍ଥାନୀୟ ମହିଳା କଲେଜର ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ ମଧ କରୁଥିବା ଅଭିଯୋଗ ହେଉଛି। ଚୋରା ମଦ ବ୍ୟବସାୟୀ ଜଣକ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ଅଭିଯୋଗ କରିବାକୁ ଗ୍ରାମବାସୀ ଭୟ କରୁଛନ୍ତି। ଗଞ୍ଜାମ ଜିଲାରେ ନକଲି ମଦ ପିଇ ୫ ଜଣଙ୍କ ମୃତ୍ୟୁ ପରେ ରାଜ୍ୟ ସରକାର ଚୋରା ମଦ ବିରୋଧରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ପାଇଁ ଅବକାରୀ ବିଭାଗ ଓ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଚୋରାମଦ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କିନ୍ତୁ ଯାଜପୁର ଜିଲା ଅଳକୁଣ୍ଡ ଥାନା ଅଞ୍ଚଳକୁ ଅବଲୋକନ କଲେ ଏଠାରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଏଠାରେ ଚୋରା ମଦ ବ୍ୟବସାୟକୁ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ପ୍ରୋତ୍ସାହନ ଦିଆଯାଇଥିବା ନେଇ ଅଭିଯୋଗ ହେଉଛି।

# ନବାଗତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ଛାତ୍ରୀଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

ବଡ଼ଚଣା,୪।୯(ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳସ୍ଥିତ ଗଣେଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟରଞ୍ଜନ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନାଇଜର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ ଯୋଗଦେଇ ଅଧ୍ୟବସାୟ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ସଫଳତା ମିଳିପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରାଜଧାନୀ କଲେଜର ରାସାୟନ ବିଭାଗ ମୁଖ୍ୟ ଅଧ୍ୟାପକ ଅଶୋକ କୁମାର ମିଶ୍ର ଯୋଗଦେଇ ସକାରାତ୍ମକ ମନୋଭାବ ନେଇ କାର୍ଯ୍ୟକଲେ ସଫଳତା ହାସଲ କରିହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ଅଧ୍ୟକ୍ଷ ବିଭୂତି ଭୂଷଣ ତ୍ରିପାଠୀ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ସଚିତ୍ର କୁମାର ଦାସ ଯୋଗଦେଇ ପିଲାଙ୍କୁ ବଡ଼ମଣିଷ ନ ହୋଇ ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ। ୨୦୨୩-୨୪ଶିକ୍ଷା ବର୍ଷରେ ଶ୍ରେଷ୍ଠତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ଦ୍ଦେଶକ ଆସିକ ଇକବାଲ ଧନ୍ୟବାଦ ଦେଇଥିଲେ।

# ଭୋଟର ତାଲିକା ସଂଶୋଧନ ପ୍ରସ୍ତୁତି ବୈଠକ

ଯାଜପୁର ଟାଉନ,୪।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଭୋଟର ତାଲିକା ସଂଶୋଧନ ନିମନ୍ତେ ଯାଜପୁର ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନାଙ୍କ ସହ ରାଜନୈତିକ ଦଳର ପ୍ରତିନିଧିଙ୍କ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜେନା ଅଧ୍ୟକ୍ଷତା କରି କହିଥିଲେ, ଆସନ୍ତା ୨୯।୧୦।୨୦୨୪ରୁ ୨୮।୧୧।୨୦୨୪ ପର୍ଯ୍ୟନ୍ତ ଜିଲାରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଚାଲିବ। ୨୯।୧୦।୨୦୨୪ରେ ଏକୀକରଣ ଭୋଟର ତାଲିକା ପ୍ରକାଶ କରାଯିବ। ସେହିଦିନଠାରୁ ୨୮।୧୧।୨୦୨୪ ପର୍ଯ୍ୟନ୍ତ ଆପତ୍ତି ଏବଂ ଅଭିଯୋଗ ଗ୍ରହଣ କରାଯିବ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଆଦେଶ ମତେ ଏହି ଅବଧି ମଧ୍ୟରେ ଶନିବାର ଓ ରବିବାରଗୁଡ଼ିକ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ଗ୍ରହଣ କରାଯିବ। ୨୪।୧୨।୨୦୨୪ରେ ସମସ୍ତ ଆପତ୍ତିଅଭିଯୋଗ ଗୁଡ଼ିକର ଫଇସଲା ହେବ। ୨୦୨୫ ଜାନୁଆରୀ ୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହି ବୈଠକରେ ଉପଜିଲାପାଳ ଅଂଶୁମାନ ଶତପଥୀ, ଡେପୁଟି କଲେକ୍ଟର ରଶ୍ମିରଞ୍ଜନ ମଲ୍ଲିକ, ଡେପୁଟି କଲେକ୍ଟର ରଶ୍ମିତା ସ୍ୱାଇଁଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ।

# ଧର୍ମଶାଳା ଭାଜପାର ମିଶ୍ରଣ ପର୍ବ



ଭାଜପାରେ ସାମିଲ କର୍ମୀଙ୍କୁ ବିଧାୟକ ସ୍ୱାଗତ କରୁଛନ୍ତି।

ଧର୍ମଶାଳା,୪।୯(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଅଧୀନ କୁମାରୀସ୍ଥିତ ଭାରତୀୟ ଜନତା ପାର୍ଟି (ଭାଜପା) କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ଭାଜପାରେ ସାମିଲ ହୋଇଛନ୍ତି। ବିଜେଡି ସରକାର ସମୟରେ ପଞ୍ଚାୟତଗୁଡ଼ିକରେ କରାଯାଇଥିବା ବିକାଶମୂଳକ କାର୍ଯ୍ୟରେ ହୋଇଥିବା ଦୁର୍ନୀତିକୁ ବିରୋଧ କରି ସେମାନେ ଭାଜପାରେ ସାମିଲ ହୋଇଥିବା କହିଛନ୍ତି। ସେମାନଙ୍କ ମଧ୍ୟରେ ଚୋରମୁହାଁ, ଅଭୟପୁର, ଆରୁହା, କୁମାରୀ ପଞ୍ଚାୟତର ବହୁ ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ, ୱାର୍ଡ ସଭ୍ୟ ଏବଂ ଯୁବ, ଛାତ୍ର ବିଜେଡି କର୍ମୀ ରହିଛନ୍ତି। କାର୍ଯ୍ୟକ୍ରମରେ ସର୍ବେଶ୍ୱର ବେହେରା, ଶ୍ରୀକାନ୍ତ ସାହୁ, ଆଲୋକ ଲେଙ୍କା, ଚନ୍ଦ୍ରମଣି ପଣ୍ଡିତ, ଉପେନ୍ଦ୍ର କର, ରବୀନ୍ଦ୍ର ବରାଳ, ସବ୍ୟସାଚୀ ସୁନ୍ଦରରାୟ, ଅଭିଷେକ ରାଉତ ଓ ସୁଦାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଭାଜପାରେ ସାମିଲ ହୋଇଥିବା କର୍ମୀ ଓ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧିଙ୍କୁ ବିଧାୟକ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

# ଚଣ୍ଡିଖୋଲ ଛକ ଉନ୍ନତୀକରଣ ପାଇଁ ଆଲୋଚନା

ଚଣ୍ଡିଖୋଲ/ବଡ଼ଚଣା,୪।୯ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବିଧାୟକ ଅମର ନାୟକ ବୁଧବାର ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଚଣ୍ଡିଖୋଲ ଛକର ଉନ୍ନତୀକରଣ ଓ ବନ୍ଦାଳ-ଏଣ୍ଡରପଦା ରାସ୍ତା ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା କରିଛନ୍ତି। ଏନେଇ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ଶୁଭେନ୍ଦୁ କୁମାର ସାମଲ, ଜିଲା ଖଣିଜ ଉପନିର୍ଦ୍ଦେଶକ, ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ଅନ୍ୟ ବିଭାଗୀୟ ଅଧିକାରୀ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦୀର୍ଘଦିନ ହେବ ରାଜପଥ ଉପରେ ଅସ୍ଥାୟୀ ବ୍ୟବସାୟ ପ୍ରତିଷ୍ଠାନ ଗଢ଼ି ଉଠିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା। ରାଜପଥ ସମ୍ପ୍ରସାରଣ ସହ ସୌନ୍ଦର୍ଯ୍ୟକରଣ ପାଇଁ ଦୀର୍ଘଦିନ ହେବ ଦାବି ହୋଇ ଆସୁଥିଲା। ରାସ୍ତା କାର୍ଯ୍ୟ ଆରମ୍ଭ ପୂର୍ବରୁ ରାସ୍ତା ଅବରୋଧ ମୁକ୍ତ ପାଇଁ ନୋଟିସ କରାଯାଇଥିଲା। ନୋଟିସ ଅବଧି ମଧ୍ୟରେ ପାରାଦୀପ-ଚଣ୍ଡିଖୋଲ ସଂଯୋଗ ରାସ୍ତା କଡ଼ ଅବରୋଧ ହଟିଥିବାବେଳେ ଡୁବୁରି-ଚଣ୍ଡିଖୋଲ ଜାତୀୟ ରାଜପଥ ସଂଯୋଗ ରାସ୍ତା ଓ କଟକ-ବାଲେଶ୍ୱର ବସ ରହଣିସ୍ଥଳି ରାଜପଥ କଡ଼ରେ ଥିବା ଅବରୋଧ ଏ ପର୍ଯ୍ୟନ୍ତ ହଟିନାହିଁ। ଫଳରେ କାମ ହେବାରେ ବିଳମ୍ବ ଘଟୁଛି। ଏଥିପାଇଁ ମଙ୍ଗଳବାର ଜିଲାପାଳ କ୍ଷେତ୍ର ପରିଦର୍ଶନ କରି ଅବୋରଧ ହଟାଇବାକୁ କହିଥିଲେ। ସେହିପରି ନିତ୍ୟ ଆବଶ୍ୟକ ସାମଗ୍ରୀ, ପରିବା, ଫଳ, କ୍ଷିର ସହ ଅନ୍ୟ କିଛି ଆନୁଷଙ୍ଗିକ ସାମଗ୍ରୀ ବିକ୍ରୟ ପାଇଁ ଅସ୍ଥାୟୀ ଭାବେ ଖାଲଥିବା କିଛି ଅଂଶପୋତି ଥଇଥାନ ବ୍ୟବସ୍ଥା କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ଛକର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟ ରକ୍ଷା ପାଇଁ ଆମିଷ ବିକ୍ରି ଓ ଅନ୍ୟ ବ୍ୟବସାୟୀଙ୍କୁ ଅନ୍ୟତ୍ର ଗୋଟିଏ ସ୍ଥାନରେ ଅସ୍ଥାୟୀ ଭାବେ ଥଇଥାନ ପାଇଁ ଆଲୋଚନା ହୋଇଥିଲା। ଏହିକାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବ୍ୟବସାୟୀଙ୍କ ସହଯୋଗ ରହିଥିବାରୁ ବିଧାୟକ ଧନ୍ୟବାଦ ଜଣାଇବା ସହ ସମସ୍ତ ପ୍ରକାର ସହଯୋଗ ପାଇଁ ନିବେଦନ କରିଥିଲେ। ଚଣ୍ଡିଖୋଲ ଆରଟିଓ ଅଫିସଠାରୁ ପାରାଦୀପ ସଂଯୋଗୀକରଣ ରାସ୍ତା ପର୍ଯ୍ୟନ୍ତ ସରକାରୀ ଜମି ଅବରୋଧ ହଟାଇବା ସହ ଉଚ୍ଛେଦ ପାଇଁ ହୋଇଥିବା ସ୍ଥାନୀୟ ଅଧିବାସୀଙ୍କ ଅଭିଯୋଗକୁ ଜିଲାପାଳ ଗୁରତ୍ୱ ଆରୋପ କରିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅସ୍ଥାୟୀ ବ୍ୟବସାୟୀଙ୍କୁ ବ୍ୟବସ୍ଥିତ ଭାବେ ଥଇଥାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଚଣ୍ଡିଖୋଲ ଛକ ବାହାରେ ଭାରିଯାନ ଚଳାଚଳ ପାଇଁ ବିକଳ୍ପ ବ୍ୟବସ୍ଥା କରିବା ଓ ଛକ ମଧ୍ୟରେ ଥିବା ଦୁଇଟି ଗଳି ପୋଲକୁ ସମ୍ପ୍ରସାରିତ କରିବା ସହ ବନ୍ଦ ଥିବା ଟ୍ରାଫିକ ପୋଷ୍ଟ ସମ୍ପ୍ରସାରଣ କାର୍ଯ୍ୟ ସରିବା ପର୍ଯ୍ୟନ୍ତ ଖୋଲିବା ନିମନ୍ତେ ବିଧାୟକ କହିଥିଲେ। ଛକର ବିଭିନ୍ନ ଅଞ୍ଚଳ ସ୍ୱଚ୍ଛତା ରକ୍ଷା ପାଇଁ ସଫେଇ କର୍ମଚାରୀ ନିଯୁକ୍ତି ପାଇଁ ବିଧାୟକ ଦାବି କରିଥିଲେ। ଏହାପରେ ବନ୍ଦାଳ-ଏଣ୍ଡରପଦା ରାସ୍ତା ଜମି ଅଧି ଗ୍ରହଣ କାର୍ଯ୍ୟ ତୁରନ୍ତ ସାରିବା ସହ ପୁନଃ ଟେଣ୍ଡର ପ୍ରକ୍ରିୟା କରିବା ବିଷୟରେ ଆଲୋଚନା ହୋଇଥିଲା।

### ଜିଲାପାଳଙ୍କ ସହ ବଡ଼ଚଣା ବିଧାୟକଙ୍କ ବୈଠକ




ଜିଲାପାଳଙ୍କ ସହ ବଡ଼ଚଣା ବିଧାୟକ ଆଲୋଚନା କରୁଛନ୍ତି।

# ବ୍ଲାକ୍‌ରୋଜ୍ ଜାହାଜ ବୁଡ଼ି ଘଟଣାର ତଦନ୍ତ ହେଉ

## ବିଧାନସଭାରେ ଜଗତ୍‌ସିଂହପୁର ବିଧାୟକଙ୍କ ଦାବି

### ବିଗତ ସରକାର ସମୟରେ ୬୦ ଲକ୍ଷ କୋଟିର ଖଣିଜ ସମ୍ପଦ ଲୁଟ୍ ହୋଇଛି

ଜଗତ୍‌ସିଂହପୁର, ୪।୯ (ପ୍ରମୋଦ କୁମାର ନାୟକ)

୨୦୦୯ ସେପ୍ଟେମ୍ବର ୯ ରେ ମଙ୍ଗୋଲିଆନ ଜାହାଜ ଏମ୍‌ଭି ବ୍ଲାକରୋଜ ୨୩,୮୪୭ ମେଟ୍ରିକ ଟନ୍ ଲୁହାପଥର ଏବଂ ୯୨୦ ମେଟ୍ରିକ ଟନ୍ ଫର୍ନେସ୍ ଅଏଲ୍ ବହନ କରି ଯାଉଥିବାବେଳେ ପାରାଦୀପ ବନ୍ଦର ଆଙ୍କରେଜ ନିକଟରେ ବୁଡ଼ି ଯାଇଥିଲା। ଏଥିରେ ଥିବା ୨୭ଜଣଙ୍କ ମଧ୍ୟରୁ ୨୬ ଜଣ ଉଦ୍ଧାର ପାଇଥିଲେ। କିନ୍ତୁ କ୍ୟାପଟେନ୍‌ଙ୍କ ମୃତ୍ୟୁ ହୋଇଥିଲା। ଏତେବଡ ଦୁର୍ଘଟଣା ଏବେବି ରହସ୍ୟାବୃତ୍ତ ହୋଇ ରହିଥିବା ଦର୍ଶାଇ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ବିଜେଡି ଉପରେ ଶାଣିତ ଆକ୍ରମଣ କରିଛନ୍ତି। ଅମରେନ୍ଦ୍ର କହିଛନ୍ତି, ବାସ୍ତବରେ ବ୍ଲାକରୋଜ ଏବଂ ଏଥିରେ ଥିବା ଲୁହାପଥର କାହାର ତାହା ଏବେ ବି ସ୍ପଷ୍ଟ ହୋଇପାରିଲା ନାହିଁ। ଏକାଧିକ ଲୋକ ଉଦ୍ଧାର ହୋଇଥିଲେ ସୁଦ୍ଧା କ୍ୟାପଟେନ୍‌ଙ୍କ ମୃତ୍ୟୁ ହୋଇଥିଲା। ବାସ୍ତବରେ କ୍ୟାପଟେନ୍‌ଙ୍କ ମୃତ୍ୟୁ ହୋଇଥିଲା ନା ତାଙ୍କୁ ମାରି ଦିଆଯାଇଥିଲା ଏହି ରହସ୍ୟ ଉପରୁ ଏ ପର୍ଯ୍ୟନ୍ତ ପରଦା ହଟିଲାନାହିଁ। ସେତେବେଳେ ଜାହାଜ ବୁଡ଼ିବା କାରଣରୁ ଏଥିରୁ ନିର୍ଗତ ତେଲ ସମୁଦ୍ରରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଆଦି ଜିଲାକୁ ପ୍ରଭାବିତ ହୋଇଥିଲା।

ସମୁଦ୍ରରେ ଥିବା ମାଛ, ପକ୍ଷୀ ଓ ଅନ୍ୟ ପ୍ରାଣୀମାନେ ମୃତାହତ ହୋଇଥିଲେ। ଏତେବଡ ଅଘଟଣର ତଦନ୍ତ ହେବା ଜରୁରୀ। ତେଣୁ ରାଜ୍ୟ ସରକାର ଏହା ଉପରେ ତଦନ୍ତ ପାଇଁ ପଦକ୍ଷେପ ନେବା ସହ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକ ଦାବି କରିଛନ୍ତି। ଏଥିସହ ଖଣି ଖାଦାନ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ଓଡ଼ିଶାରେ ଭରପୁର ଖଣିଜ ସମ୍ପଦ ରହିଛି। କିନ୍ତୁ ତାହା ଲୁଟ୍ ହେଉଛି। ଯାହାର ଦୃଷ୍ଟାନ୍ତ ଜଗତ୍‌ସିଂହପୁର ଜିଲାରେ ଦେଖିବାକୁ ମିଳେ। ଏହି ଜିଲାରେ ବ୍ୟାପକ ଲଘୁ ଖଣିଜ ଅର୍ଥାତ୍ ବାଲି ରହିଛି। ସରକାରୀ ଭାବେ ଜିଲାରେ ୧୨ଟି ବାଲିଘାଟ ଥିବା ଦର୍ଶାଯାଉଥିବାବେଳେ ବାସ୍ତବ କ୍ଷେତ୍ରରେ କିନ୍ତୁ ବେଆଇନ ଭାବେ ବିଭିନ୍ନ ନଦୀର ୬୦ରୁ ୭୦ଟି ସ୍ଥାନରୁ ବାଲି ଚୋରା ଚାଲାଣ ହେଉଛି। ବାଲି ମାଫିଆ ଓ ବାଲି ବୋଝେଇ ଗାଡ଼ି ଯୋଗୁ ଅନେକ ରାସ୍ତା ନଷ୍ଟ ହୋଇଗଲାଣି। ଦୁର୍ଘଟଣା ଚିନ୍ତାର କାରଣ ହେଲାଣି। କେବଳ ଏତିକି ନୁହେଁ, ଡିଏମ୍‌ଏଫ୍ (ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ୍) ଓ ସିଏସ୍‌ଆର୍ (କର୍ପୋରେଟ ସୋସିଆଲ ରେସପନ୍ସିବିଲିଟି) ପାଣ୍ଠି ପ୍ରଭାବଶାଳୀଙ୍କ ଇଚ୍ଛାରେ ବିନିଯୋଗ ହେଉଛି। ଅତୀତରେ ଖଣିଜ ସମ୍ପଦ ଲୁଟ୍ ସମ୍ପର୍କରେ ତତ୍କାଳୀନ ପ୍ରିନ୍ସପାଲ ସେକ୍ରେଟାରୀ, ୫-ଟି ସଚିବ, ପୋଲିସ, କ୍ରାଇମବ୍ରାଞ୍ଚ ଅଧିକାରୀମାନଙ୍କୁ ଲିଖିତ ଅବଗତ କରିଛନ୍ତି। ଏପରି କି ତାଙ୍କ ଜୀବନ ବିପଦରେ ଥିଲା। କିନ୍ତୁ କିଛି ହେଲାନାହିଁ। ବିଗତ ସରକାର ସମୟରେ ୯ ଲକ୍ଷ କୋଟି ଟଙ୍କାର ଖଣିଜ ସମ୍ପଦ ଲୁଟ୍ ହୋଇଥିବା କୁହାଯାଉଛି। ବାସ୍ତବରେ କିନ୍ତୁ ୬୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ଲୁଟ୍ ହୋଇଥିଲେ ସୁଦ୍ଧା ସେତେବେଳେ ସରକାର ନୀରବଦ୍ରଷ୍ଟା ସାଜିଥିବା ଅମରେନ୍ଦ୍ର ଯୁକ୍ତି ବାଢ଼ି ଥିଲେ।

# ବିଦ୍ୟାଳୟ ନିର୍ମାଣ କାର୍ଯ୍ୟକୁ ନେଇ ଦ୍ୱନ୍ଦ୍ୱ, ଅଦାଳତରେ ମାମଲା



ନିର୍ମାଣାଧୀନ ବିଦ୍ୟାଳୟ ଗୃହ।

କୁଜଙ୍ଗ,୪।୯(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଉଲାଙ୍ଗସ୍ଥିତ ସୁରବାଳା ଉଚ୍ଚବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ଓ ୫-ଟି ଅଧୀନରେ ଚାଲିଥିବା କାମକୁ ନେଇ ଦ୍ୱନ୍ଦ୍ୱ ଉପୁଯିବା ଓ ପରବର୍ତ୍ତୀ ସମୟରେ ତାକୁ ନେଇ ଅଦାଲତରେ ମାମଲା ହେବା ଆଲୋଚନାର ବିଷୟ ପାଲଟିଛି।

ଉକ୍ତ କାମର କାର୍ଯ୍ୟାଦେଶ କନିଷ୍ଠ ଯନ୍ତ୍ରୀଙ୍କ ନାରେ ଥିବାବେଳେ ପ୍ରକୃତରେ ପ୍ରହଲ୍ଲାଦ ସ୍ୱାଇଁ ନାମକ ଠିକାଦାର କାମ କରୁଥିଲେ। ଉକ୍ତ ଅର୍ଥରେ ନୂଆ ଶ୍ରେଣୀ ଗୃହ ସହ କେତେକ ପୁନରୁଦ୍ଧାର କାର୍ଯ୍ୟ ଚାଲିଥିଲା। ନିର୍ବାଚନ ବେଳେ କାର୍ଯ୍ୟ ବନ୍ଦ ରହି ଅଧାପନ୍ତରିଆ ଭାବେ ପଡ଼ି ରହିଥିଲା। ଉକ୍ତ କାମ ଠିକ୍ ସମୟରେ ନ ହେବାରୁ ପ୍ରହଲ୍ଲାଦ ସ୍ୱାଇଁଙ୍କୁ ବାଦ ଦେଇ ଅନ୍ୟ ଜଣେ କାମ ଆରମ୍ଭ କରିବାରୁ ପ୍ରହଲ୍ଲାଦ ଏ ନେଇ ଜଗତ୍‌ସିଂହପୁର ଜିଲାପାଳ, କୁଜଙ୍ଗ ବିଡିଓଙ୍କୁ ପକ୍ଷ କରି ସିଭିଲ ଜଜ୍ ଜୁନିୟର ଡିଭିଜନ ଅଦାଲତରେ ଆଇ ଏ ନମ୍ବର ୧୮୭/୨୪ରେ ମାମଲା କରିଛନ୍ତି। ଯାହାକି ନିର୍ମାଣ କାର୍ଯ୍ୟରେ ବାଧା ଉପୁଜିଛି। ମାତ୍ର ଏ ସମ୍ପର୍କରେ ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କୁ ପଚାରିବାରେ କନିଷ୍ଠ ଯନ୍ତ୍ରୀଙ୍କ ନାରେ କାର୍ଯ୍ୟାଦେଶ ଥିଲା। ତେଣୁ ଯାହା ଉତ୍ତର ଦେବା କଥା ଅଦାଲତକୁ ଦେଇଛୁ। ଅଦାଲତ ଯାହା ରାୟ ଦେବେ ତାହା ହିଁ ହେବ। ଏଠାରେ ସୂଚନା ଯୋଗ୍ୟ କି ସରକାର ବଦଳିବା ପରେ ଏଭଳି କନ୍ଦଳ ଉପୁଜିଥିବା ସାଧାରଣରେ ଆଲୋଚନା ହେଉଛି।

# ବିଶ୍ୱଜିତ୍ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଆଚିଭର ସମ୍ମାନ ପାଇଁ ମନୋନୀତ

## ଶିକ୍ଷଣୀୟ କାର୍ଟୁନ ଭିଡିଓ,ଆନିମେଶନ ଫିଲ୍ମ ନିର୍ମାଣ କରିଥିଲେ

ଡେରାବିଶ,୪।୯(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଡେରାଡିହ ଗାଁର ମହେଶ୍ୱର ମହାନ୍ତିଙ୍କ ପୁତ୍ର ବିଶ୍ୱଜିତ ନିଜର ବହୁମୁଖୀ ପ୍ରତିଭା ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ (ଆଇବିଆର) ଆଚିଭର ସମ୍ମାନ ପାଇବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।



ଏ ବାବଦରେ ଆଇବିଆରର ଫରିବାବାଦସ୍ଥିତ ମୁଖ୍ୟ କାର୍ଯ୍ୟାଳୟରୁ ତାଙ୍କ ପାଖକୁ ଚିଠି ଆସିଛି। ଆସନ୍ତା ଅକ୍ଟୋବର ୨ରେ ସେ ସେଠାରେ ପହଞ୍ଚି ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ନିଟ୍ ପରୀକ୍ଷାରେ ୬୭୦ର୍‍ୟାଙ୍କରେ ଥିବା ବିଶ୍ୱଜିତ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ। ସେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଶିକ୍ଷଣୀୟ, ସମାଜ ସଂସ୍କାରୀ କାର୍ଟୁନ ଓ ଆନିମେଶନ ଭିଡିଓ ଫିଲ୍ମ ନିର୍ମାଣ କରି ଛାଡ଼ିଥାନ୍ତି। ସେହି ଭିଡିଓ ଫିଲ୍ମ ପାଇଁ ସେ ନିଜେ ସ୍କ୍ରିପ୍ଟ ଲେଖିଥାନ୍ତି ଏବଂ କାର୍ଟୁନ ଭିଡିଓ ଲାଗି ସେ ନିଜ କଣ୍ଠସ୍ୱରକୁ ୬ଟି ଚରିତ୍ର ପାଇଁ ବଦଳାଇ ଉପସ୍ଥାପନ କରିଥାଆନ୍ତି। ଏଥିସହ ବିଶ୍ୱଜିତ୍ ଅତି ସୁନ୍ଦର ଏବଂ ଶିକ୍ଷଣୀୟ କାର୍ଟୁନ କରି ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ କରିଥାନ୍ତି। ତାଙ୍କ କାର୍ଟୁନ ଭିଡିଓର ଦେଶବିଦେଶରେ ଚାହିଦା ରହିଛି।

# ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥୀ ବାସନ୍ତୀଙ୍କ ପ୍ରାର୍ଥୀପତ୍ର ଦାଖଲ



କୁଜଙ୍ଗ,୪।୯(ମନୋଜ ପ୍ରଧାନ)

## ଡିଙ୍କିଆ ପଞ୍ଚାୟତ ନିର୍ବାଚନ

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଡିଙ୍କିଆ ପଞ୍ଚାୟତର ସରପଞ୍ଚ ଓ ୱାର୍ଡ ସଭ୍ୟାସଭ୍ୟ ନିମନ୍ତେ ଅକ୍ଟୋବର ୪ରେ ନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ଗତ ୨ରୁ ୬ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବୁଧବାର ପ୍ରାର୍ଥୀପତ୍ର ଦାଖଲର ତୃତୀୟ ଦିନରେ ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ବାସନ୍ତୀ ଖଟୁଆ ନିର୍ବାଚନମଣ୍ଡଳୀ ନେତା ସତ୍ୟସାରଥି ମହାନ୍ତି , ସଞ୍ଜୟ ମହାନ୍ତି, ନିର୍ଲିପ୍ତ ଜେନା, ନୃସିଂହ ସାହୁ, ରାଜଲକ୍ଷ୍ମୀ ପଟ୍ଟନାୟକ, କ୍ଷେତ୍ରମୋହନ ଜେନା, ଜଟାଧାରୀ ସ୍ୱାଇଁଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଯାଇ ପଞ୍ଚାୟତ କାର୍ଯ୍ୟାଳୟରେ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିସହ ୧୧ଜଣ ୱାର୍ଡ ସଭ୍ୟାସଭ୍ୟ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ହୃଷୀକେଶ ରାଉତ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ଜେନାଙ୍କଠାରୁ ପ୍ରକାଶ। ଅନ୍ୟପକ୍ଷେ ବିଜେଡି ବୁଧବାର ସରପଞ୍ଚ ପ୍ରାର୍ଥିନୀ ନିମନ୍ତେ ଶାନ୍ତିଲତା ବେହେରାଙ୍କ ନାମ ଘୋଷଣା କରିଥିବା ପୂର୍ବତନ ସରପଞ୍ଚ କିଶୋର ପରିଡ଼ାଙ୍କଠାରୁ ଜଣାପଡ଼ିଛି। ଆସନ୍ତା ୬ ତାରିଖରେ ସେ ତାଙ୍କର ପ୍ରାର୍ଥୀପତ୍ର ଦଖଲ କରିବେ ବୋଲି ପରିଡ଼ା କହିଛନ୍ତି। ଉଭୟ ଶାସକ ଭାଜପା ଓ ବିରୋଧୀ ବିଜେଡିର ସମର୍ଥିତ ପ୍ରାର୍ଥିନୀଙ୍କ ଘର ତ୍ରିଲୋଚନପୁର ହୋଇଥିବା ବେଳେ କଂଗ୍ରେସ ପକ୍ଷରୁ କିଏ ପ୍ରାର୍ଥୀ ହେବେ ତାହା ଜଣାପଡ଼ିନାହିଁ। ଏଠାରେ ସୂଚନା ଯୋଗ୍ୟ, ୨୩ଟି ୱାର୍ଡକୁ ନେଇ ଗଠିତ ଡିଙ୍କିଆ ପଞ୍ଚାୟତର ତ୍ରିଲୋଚନପୁର ଓ ଗୋବିନ୍ଦପୁର ମୌଜାର ୭ଟି ଲେଖାଏ ୱାର୍ଡ ଥିବାବେଳେ, ଡିଙ୍କିଆ ମୌଜାରେ ୬ଟି ୱାର୍ଡ, ମାହାଳର ୨ଟି ଓ ପାଟଣାରେ ଗୋଟିଏ ୱାର୍ଡ ଅଛି। ବିରୋଧୀ ମେଣ୍ଟ ପକ୍ଷରୁ କିଏ ଓ କେଉଁ ଗାଁରୁ ପ୍ରାର୍ଥୀ ହେଉଛନ୍ତି ସମସ୍ତେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।

# ରାତି ୧୦ଟା ସୁଦ୍ଧା ଭସାଣି ଶେଷ ପାଇଁ ନିଷ୍ପତ୍ତି



ରଘୁନାଥପୁର,୪।୯(ରାଜେନ୍ଦ୍ର ନାରାୟଣ ସିଂହ)

## ପୋଲିସ, ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ବୈଠକ

ରଘୁନାଥପୁର ଥାନା ପକ୍ଷରୁ ଗଣେଶ ପୂଜା ଉପଲକ୍ଷେ ରଘୁନାଥପୁର ବଡ଼ବଜାର, ଜଗନ୍ନାଥପୁର ବଜାର ଓ ଆଖପାଖ ବିଭିନ୍ନ ବଜାରର କର୍ମକାର୍ତ୍ତାଙ୍କୁ ନେଇ ଏକ ସମନ୍ୱୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୭ ସେପ୍ଟେମ୍ବର ଗଣେଶଙ୍କ ଘଟ ସ୍ଥାପନଠାରୁ ଭାସାଣି ଉତ୍ସବ ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଏବଂ ଏଥିପାଇଁ ପୂଜା କମିଟି ପକ୍ଷରୁ ଭଲେଣ୍ଟିର ନିୟୋଜିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସର୍ବପରେ ରାତି ୧୦ଟା ମଧ୍ୟରେ ଭାସାଣି ଉତ୍ସବ ଶେଷ କରିବାକୁ ପୋଲିସ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଆଇଆଇସି ସୁଶାନ୍ତ କୁମାର ସେଠୀଙ୍କ ତତ୍ତ୍ୱବଧାନରେ ଆୟୋଜିତ ବୈଠକରେ ତିର୍ତ୍ତୋଲ ଡିଏସ୍‌ପି ଚିନ୍ମୟ ରାଉତ ଉପସ୍ଥିତ ଥିଲେ। ବଜାର କମିଟି ପକ୍ଷରୁ ସଭାପତି ସନତ କୁମାର ମଣ୍ଡଳ, ସମ୍ପାଦକ ରଞ୍ଜନ କୁମାର ମହାନ୍ତି, ଟୁନ ମହାପାତ୍ର, ପ୍ରଶାନ୍ତ ସାହୁ, ଦୀପ୍ତିରଞ୍ଜନ ସାହୁ, ଜଗନ୍ନାଥପୁର ବଜାର ସମ୍ପାଦକ ପ୍ରଭାକର ଖଟୁଆ, ପ୍ରଭାକର ଜେନା, ରଞ୍ଜନ କୁମାର ଲେଙ୍କା, କାର୍ତ୍ତିକ ସାହୁ, ଶିବ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ପ୍ରଭାତ ସାହୁ, ବିଷ୍ଣୁଚରଣ ବେହେରା, ହେମନ୍ତ ସେଠୀ, ସରୋଜ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଚଞ୍ଚକତା କରି କୁରିକି ଚତରା ପୋଖରୀ ନିଲାମ

## ବିଡିଓଙ୍କୁ ଲିଖିତ ଅଭିଯୋଗ

ନାଉଗାଁ,୪।୯(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣା ପଞ୍ଚାୟତର କୁରିକି ଗ୍ରାମରେ ଥିବା ଚତରା ପୋଖରୀ ବେଆଇନ ଭାବେ ଚଞ୍ଚକତା ସହ ନିଲାମ କରାଯାଇଥିବା ଗ୍ରାମର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳାମାନେ ବିଡିଓ ତପନ ମହାପାତ୍ରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଉକ୍ତ ଗ୍ରାମରେ ୧୦ଟି ଏସ୍‌ଏଚ୍‌ଜି ରହିଛି। କିନ୍ତୁ ସରକାରୀ ସ୍ତରରେ ସେପ୍ଟେମ୍ବର ୨ରେ ଚତରା ପୋଖରୀ ଏକ ନିର୍ଦ୍ଦିଷ୍ଟ ଏସ୍‌ଏଚ୍‌ଜିକୁ ପ୍ରଦାନ କରାଯାଇଛି। ସୂଚନା ଯୋଗ୍ୟ, ଏହି ବିଷୟରେ ଅନ୍ୟ କୌଣସି ଏସ୍‌ଏଚ୍‌ଜି ଜାଣି ନ ଥିବାରୁ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରି ପାରିଲେ ନାହିଁ। ନିଲାମ ପ୍ରକ୍ରିୟାରେ ଖୋଲାଖୋଲି ଭାବେ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇଛି। ତେଣୁ ଉକ୍ତ ନିଲାମକୁ ବାତିଲ କରାଯାଇ ସରକାରୀ ନିୟମାନୁସାରେ ନିଲାମ ପ୍ରଦାନ କରିବା ପାଇଁ ବୀଣାପାଣି ଏସ୍‌ଏଚ୍‌ଜିର ଶୈଳବାଳା ପରିଡା, ସସ୍ମିତା ସ୍ୱାଇଁ, ଇଶାନେଶ୍ୱର ଏସ୍‌ଏଚ୍‌ଜିର ରିନୁ ମଲିକ, ସଂଯୁକ୍ତା ସେଠୀ, ଜୟ ହନୁମାନ ଏସ୍‌ଏଚ୍‌ଜିର ଉପମା ଦାସ, ନର୍ମଦା ଦାସ, ଶ୍ରୀଜଗନ୍ନାଥ ଏସ୍‌ଏଚ୍‌ଜିର ରଶ୍ମିତା ମୁଦୁଲି, ଗୀତାଞ୍ଜଳି ପରିଡ଼ା, ମା’ କୁତାମଚଣ୍ଡୀ ଏସ୍‌ଏଚ୍‌ଜିର ସୁଚିତ୍ରା ଦାସ, ଚାରୁଲତା ସ୍ୱାଇଁ ପ୍ରମୁଖ ବିଡିଓଙ୍କୁ ଲିଳିତ ଭାବେ ଜଣାଇବା ସହ ଜଗତ୍‌ସିଂହପୁର ବିଧାୟକଙ୍କୁ ଅବଗତ କରାଇଛନ୍ତି। ଏ ସମ୍ପର୍କରେ ବିଡିଓ ତପନ ମହାପାତ୍ରଙ୍କୁ ପଚାରିବାରେ ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ସୋସିଆଲ ମିଡିଆରେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ: ୨ ଗିରଫ

ନାଉଗାଁ,୪।୯(ସୁଧା ବେହୁରା)

ନାଉଗାଁ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କର ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରି ୨ ଜଣ ଯୁବକ ଗିରଫ ହୋଇଛନ୍ତି। ଜଣେ ଯୁବତୀ ଏ ସଂକ୍ରାନ୍ତରେ ସେପ୍ଟେମ୍ବର ୨ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ, ଯୁବତୀ ଜଣଙ୍କ ନିକଟସ୍ଥ ଏକ ମହାବିଦ୍ୟାଳୟରେ ପଢୁଥିବା ବେଳେ ଧୂଆଁପଦା ଗ୍ରାମର ରାହୁଲ ଦଳାଇଙ୍କ ସହ ଦେଖା ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୁହେଁ ଫୋନରେ କଥା ହେବା ପରେ ରାହୁଲ ବିବାହର ପ୍ରତିଶ୍ରୁତି ଦେଇଥିଲେ। ସମ୍ପର୍କ ନିବିଡ଼ ହେବାରୁ ପରବର୍ତ୍ତୀ ସମୟରେ ଭିଡିଓ କଲ୍ ମାଧ୍ୟମରେ ମୋତେ ଚାପ ପକାଇ ମୋର ଅଶ୍ଳୀଳ ଭିଡିଓ ରେକର୍ଡିଂ କରି ରଖିଥିଲେ। ଭିଡିଓ ରେକର୍ଡିଂ କରିବା ପରେ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ କରିଥିଲେ। ଯଦି ସମ୍ପର୍କ ନ ରଖେ ତେବେ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ପାଇଁ ଧମକ ଦେଇଥିଲେ। ଏକଥା ଭୟ ଓ ଲାଜରେ ଘରେ କହି ନ ଥିଲି। ପରେ ରାହୁଲଙ୍କ ନମ୍ବରକୁ ବ୍ଲକ କରି ଦେଇଥିଲି। ରାହୁଲ ସହ ମୋର କୌଣସି ସମ୍ପର୍କ ନ ରହିବାରୁ ଉକ୍ତ ଅଶ୍ଳୀଳ ଭିଡିଓକୁ ସେ ଡେରିକି ଗୋବରୀକୂଳ ଗ୍ରାମର ରାଜକିଶୋର ଜେନାଙ୍କୁ ପ୍ରଦାନ କରିଥିଲେ। ରାଜକିଶୋର ମୋତେ ତା’ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ଯଦି ସମ୍ପର୍କ ନ ରଖୁ ତେବେ ତୋ ଅଶ୍ଳୀଳ ଭିଡିଓ ଭାଇରାଲ କରିବି ବୋଲି ଧମକ ଦେଇଥିଲେ। ଯାହାଫଳରେ ମୁଁ ଉଭୟଙ୍କ ମୋବାଇଲ ନମ୍ବର ବ୍ଲକ୍ କରିଦେଇଥିଲି। ନମ୍ବର ବ୍ଲକ୍ ପରେ ଦୁହେଁ ରଖିଥିବା ମୋର ଅଶ୍ଳୀଳ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରୁଛନ୍ତି। ଫଳରେ ମୋର ସାମାଜିକ ମର୍ଯ୍ୟାଦା ହାନି ଘଟିଛି। ମୋ ପରିବାର ଓ ମୋର ସମ୍ମାନ ହାନି କରୁଥିବା ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପାଇବା ପରେ ପୋଲିସ ରାହୁଲ ଦଳାଇ ଓ ରାଜକିଶୋର ଜେନାଙ୍କୁ ଗିରଫ କରିଛି। ଏନେଇ ଥାନାରେ ନଂ. ୨୦୪/୨୪ରେ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଥିବା ଆଇଆଇସି ସଂଘମିତ୍ରା ନାୟକ ପ୍ରକାଶ କରିଛନ୍ତି।

# ଗୋଲ୍ଡ ମେଡାଲ ପାଇଲେ ସ୍ନେହଲତା

ପାଟକୁରା,୪।୯
(ରବୀନ୍ଦ୍ର ନାଥ ବାରିକ)

ଟାଏକୋଣ୍ଡୋ ଚାମ୍ପିୟନଶିପ୍



ସ୍ନେହଲତା ଜେନା

ଟାଏକୋଣ୍ଡୋ ଚାମ୍ପିୟନଶିପ୍ ୨୦୨୪ରେ ଗୋଲ୍ଡ ମେଡାଲ ପାଇଛନ୍ତି କେନ୍ଦ୍ରାପଡାର ଝିଅ ସ୍ନେହଲତା ଜେନା। କଟକ ଜବାହରଲାଲ ନେହ୍ରୁ ଇନଡୋର ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଗୋଲଡ଼ ମେଡାଲ ପାଇ ସ୍ନେହଲତା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ସେ ମନୋନୀତ ହୋଇଛନ୍ତି। ସେପ୍ଟେମ୍ବର ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀର ହୋଲି ପବ୍ଲିକ ସ୍କୁଲଠାରେ ଆୟୋଜିତ ପ୍ରତିଯୋଗିତାରେ ସେ ଭାଗ ନେବେ । କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ବେଡାରୀ ଗ୍ରାମ ପଞ୍ଚାୟତ ଅଧୀନ ହରିଦାସପୁର ଗ୍ରାମର ପ୍ରଦୀପ ଜେନାଙ୍କ ଝିଅ ସ୍ନେହଲତା । ସେ ହରିଦାସପୁର ପଞ୍ଚାୟତ ନାଗମଣୀ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀ । ଆଗାମୀ ଦିନରେ ସେ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିବେ ବୋଲି ଅଶାବ୍ୟକ୍ତ କରିଛନ୍ତି ।

# କେନ୍ଦ୍ରାପଡ଼ାରେ କୌଶଳ ରଥ

## ସ୍ୱାଗତ କଲେ ଜିଲାପାଳ, ଏସ୍‌ପି ଓ ପ୍ରଶାସନିକ ଅଧିକାରୀ

ଡେରାବିଶ,୪।୯(ବେବର୍ତ୍ତା ଅଜୟ ଦାସ)

ବୈଷୟିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦକ୍ଷତା ବିକାଶର ଅଭିବୃଦ୍ଧି ନିମନ୍ତେ ରାଜ୍ୟସରକାରଙ୍କ ଦକ୍ଷତା ବିକାଶ ଓ ନିୟୋଜନ ବିଭାଗ ପକ୍ଷରୁ ବାହାରିଥିବା କୌଶଳ ରଥ ବୁଧବାର ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଜିଲାରେ ପ୍ରବେଶ କରିଛି। ବୁଧବାର ଉକ୍ତ ରଥ ଡେରାବିଶ ବ୍ଲକ୍ ଅଧୀନ ଏଣ୍ଡର ପଞ୍ଚାୟତ ୫୩ନଂ.ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକ ନିକଟରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, କେନ୍ଦ୍ରାପଡ଼ା ଏସ୍‌ଡିପିଓ ଦେବେନ୍ଦ୍ର ମଲିକ, ଡେରାବିଶ ବିଡ଼ିଓ ଦାଶରଥୀ ଜେନାଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ କୌଶଳ ରଥକୁ ସ୍ୱାଗତ କରିଥିଲେ । ଏହି ଅବସରରେ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟେତର ଲୋକପ୍ରତିନିଧି, ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଏଣ୍ଡର ସରପଞ୍ଚ ଦୁର୍ଯ୍ୟୋଧନ ମଲିକ, ନରସିଂହପୁର ସରପଞ୍ଚ ସୁଧୀର କୁମାର ଖଟୁଆ, ଶୈଳେନ୍ଦ୍ର କୁମାର ଜେନା, ଶିକ୍ଷାବିତ୍ ହରେକୃଷ୍ଣ ମହାନ୍ତିଙ୍କ ସମେତ ଶତାଧିକ ମହିଳା ସେଠାରେ ଉପସ୍ଥିତ ରହି ରଥକୁ ସ୍ୱାଗତ କରିଥିଲେ। ମହିଳାମାନେ ଏହି ରଥକୁ ବନ୍ଦାପନା କରିବା ପରେ ରଥ ଆଗକୁ ଯାଇଥିଲା ।





କୌଶଳ ରଥକୁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଉଛି।

# ୧୬୬୯ ଟ୍ରାନ୍ସଫର୍ମର ମଧ୍ୟରୁ ୧୭୩ରେ ବାଡ଼

- ଜଗତ୍‌ସିଂହପୁର ବିଧାୟକଙ୍କୁ ବିଧାନସଭାରୁ ମିଳିଥିବା ଉତ୍ତର
- ୭୮,୨୨୪ ଉପଭୋକ୍ତାଙ୍କ ମଧ୍ୟରୁ ୨୫ ହଜାରଙ୍କ ଉପରେ ବକେୟା ଅଛି

ଜଗତସିଂହପୁର, ୪।୯
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଦ୍ୟୁତ୍ ସେବା ଉପରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାରେ କେତୋଟି ପ୍ରଶ୍ନ କରିଥିଲେ। ବିଶେଷକରି ଉପଭୋକ୍ତା ସଂଖ୍ୟା, ବକେୟା ଦେୟ, ଟ୍ରାନ୍ସଫର୍ମର ଚାରିପଟେ ବାଡ଼, ଗୋମାତାଙ୍କ ସମେତ ପ୍ରାଣୀମାନଙ୍କ ସୁରକ୍ଷା ସଂକ୍ରାନ୍ତୀୟ ପ୍ରଶ୍ନର ଉତ୍ତର ବୁଧବାର ମିଳିଛି। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉତ୍ତରରେ ଦର୍ଶାଇଛନ୍ତି ଯେ, ନିର୍ବାଚନମଣ୍ଡଳୀରେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ବର୍ଗର ମୋଟ ୭୮,୨୨୪ ଜଣ ବିଦ୍ୟୁତ୍ ଉପଭୋକ୍ତା ରହିଛନ୍ତି। ସେମାନଙ୍କ ମଧ୍ୟରେ ଘରୋଇ ୭୦,୯୫୧, ସାଧାରଣ ଉଦ୍ଦେଶ୍ୟରେ ୪,୪୬୫, କୃଷି ୭୨୪, ଶିଳ୍ପ ୨୬୬ ଓ ଅନ୍ୟାନ୍ୟ ବାବଦରେ ୧,୮୧୮ ଜଣ ରହିଛନ୍ତି। କିନ୍ତୁ ବିଭିନ୍ନ ବର୍ଗର ମୋଟ ୨୫,୦୨୧ ଜଣ ଉପଭୋକ୍ତାଙ୍କ ଉପରେ ବିଲ୍ ବାବଦ ୧୩.୩୫ କୋଟି ଟଙ୍କା ବକେୟା ରହିଛି। ବଡ଼ କଥା ହେଲା ଉପଭୋକ୍ତାମାନଙ୍କୁ ନିରାପଦ ବିଦ୍ୟୁତ୍ ଯୋଗାଣ, ପ୍ରାଣୀମାନଙ୍କ ସୁରକ୍ଷା, ଅଘୋଷିତ ବିଦ୍ୟୁତ୍ କାଟ ଓ ଦିବାଲୋକରେ ବି ଷ୍ଟ୍ରିଟ୍ ଲାଇଟ୍ ଜଳୁଥିବାରୁ ଚାଷ ପ୍ରଭାବିତ ସଂକ୍ରାନ୍ତରେ ବିଧାୟକ ଉଦ୍‌ବେଗ ପ୍ରକାଶ କରିଥିବାରୁ ମନ୍ତ୍ରୀ ପ୍ରସଙ୍ଗକୁ ଗୁରୁତ୍ୱ ଦେଇଥିଲେ। ଏହା ଉପରେ ଉପମୁଖ୍ୟମନ୍ତ୍ରୀ କହିଥିଲେ, ଜଗତ୍‌ସିଂହପୁର ଜିଲାରେ ୪ଟି ୧୦ କେଭିଏ (କିଲୋ ଭୋଲ୍ଟ ଆମ୍ପିୟର୍ସ) ଓ ୨୧୩ଟି ୧୬ କେଭିଏ ଟ୍ରାନ୍ସଫର୍ମର ରହିଛି। କିନ୍ତୁ ଏସବୁଗୁଡ଼ିକରେ ପୂର୍ବରୁ ସେସୁ (ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି ଅଫ ଓଡ଼ିଶା) କିମ୍ବା ବର୍ତ୍ତମାନ ଟିପିସିଓଡିଏଲ୍ (ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍) ପକ୍ଷରୁ ଏହିସବୁ ଟ୍ରାନ୍ସଫର୍ମର ଚାରିପଟେ ବାଡ ଅବା ପାଚେରୀ (ଫେନ୍ସିଂ) କରାଯାଇନାହିଁ।

ଅନ୍ୟ ଟ୍ରାନ୍ସଫର୍ମର ଯଥା ୪୯୪ଟି ୨୫ କେଭିଏ ଟ୍ରାନ୍ସଫର୍ମର ଥିବାବେଳେ ସେଥିମଧ୍ୟରୁ ଟିପିସିଓଡିଏଲ୍ ପକ୍ଷରୁ ମାତ୍ର ୭୭ଟି ଚାରିପଟେ ବାଡ଼ ହୋଇଛି। ସେହିପରି ୫୩୭ଟି ୬୩ କେଭିଏ ଟ୍ରାନ୍ସଫର୍ମର ମଧ୍ୟରୁ ୧୦ଟି ସେସୁ ସମୟରେ ଓ ୧୪ଟି ଟିପିସିଓଡିଏଲ୍ ପକ୍ଷରୁ ବାଡ଼ କରାଯାଇଛି । ୩୫୩ଟି ୧୦୦କେଭିଏ ଟ୍ରାନ୍ସଫର୍ମର ମଧ୍ୟରୁ ୮ଟି ସେସୁ ଓ ୧୩ଟି ଟିପିସିଓଡିଏଲ୍ ସମୟରେ ବାଡ଼ ହୋଇଥିଲା। ଜିଲାରେ ମାତ୍ର ଗୋଟିଏ ୨୦୦ କେଭିଏ ଟ୍ରାନ୍ସଫର୍ମର ଅଛି। ଏହା ଚାରିପଟେ ସେସୁ ବାଡ଼ କରିଥିଲା। ୫୫ଟି ୨୫୦ କେଭିଏ ଟ୍ରାନ୍ସଫର୍ମର ମଧ୍ୟରୁ ୮ଟି ସେସୁ ଓ ୧୨ଟି ଟିପିସିଓଡିଏଲ୍ ଦ୍ୱାରା ଫେନ୍ସିଂ କରାଯାଇଛି। ୧୧ଟି ୫୦୦ କେଭିଏ ଟ୍ରାନ୍ସଫର୍ମର ମଧ୍ୟରୁ ୧ଟି ସେସୁ ଓ ୪ଟି ଟିପିସିଓଡିଏଲ୍ ଦ୍ୱାରା ବାଡ଼ ହୋଇଛି। ଜିଲାରେ ଗୋଟିଏ ମାତ୍ର ୭୫୦ କେଭିଏ ଟ୍ରାନ୍ସଫର୍ମର ରହିଛି ଏବଂ ଏହା ଚାରିପଟେ ସେସୁ ବାଡ଼ କରିଥିଲା।

ମୋଟ ଉପରେ ଦେଖିଲେ ଜଣାଯାଏ ଜିଲାର ମୋଟ ୧୬୬୯ଟି ବିତରଣ ଟ୍ରାନ୍ସଫର୍ମର ମଧ୍ୟରୁ ସେସୁ ୫୩ ଏବଂ ଟିପିସିଓଡିଏଲ ୧୨୦ଟି ଚାରିପଟେ ବାଡ଼ ବା ପାଚେରୀ କରିଛି। ମନ୍ତ୍ରୀଙ୍କ ଏହି ଉତ୍ତର ମିଳିଲା ପରେ ଅଧିକାଂଶ ଟ୍ରାନ୍ସଫର୍ମର ମୁକୁଳା ଅଥବା ବିପଦଜନକ ଥିବା କୁହାଯାଉଛି। ଏହାବାଦ୍ ପ୍ରାଣୀମାନଙ୍କ ସୁରକ୍ଷା ପାଇଁ ବାଡ଼ ସହିତ ଡିଷ୍ଟ୍ରିବ୍ୟୁଶନ ଟ୍ରାନ୍ସଫର୍ମର ନବୀକରଣ, ଏଲ୍‌ଟି ସୁରକ୍ଷା ବ୍ୟବସ୍ଥାର ପ୍ରଚଳନ, ଇଣ୍ଟରପୋଜିଂ ପୋଲ ଦ୍ୱାରା ଝୁଲି ରହିଥିବା କଣ୍ଡକ୍ଟରଗୁଡ଼ିକର ପୁନଃ ସମ୍ପ୍ରସାରଣ, ମଜଭୁତ ଆର୍ଥିଂ ସିଷ୍ଟମର ସ୍ଥାପନ, ପ୍ରାଣୀ ତଥା ଜନସାଧାରଣଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ପାମ୍ପଲେଟ୍ ବଣ୍ଟନ, ସୁରକ୍ଷା ସଚେତନ ରଥ, ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଅନଧିକୃତ ବିଦ୍ୟୁତ୍ ଲାଇନର ବିସ୍ତାର ବନ୍ଦ ପାଇଁ ଘୋଷଣା ଓ ନିୟମିତ ବିଦ୍ୟୁତ୍ ଲିକେଜ୍‌ର ଟେଷ୍ଟିଂ ଏବଂ ଏହାର ସଂଶୋଧନ ହେଉଥିବା ସୂଚନା ଦିଆଯାଇଛି। ହେଲେ ବାସ୍ତବ କ୍ଷେତ୍ରରେ ଏସବୁ ଠିକ୍ ଭାବେ ହେଉ ନ ଥିବା ନେଇ ବିଧାୟକ ଦାସ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

ହିଞ୍ଜିଳିକାଟୁ, ୪ା୯ (ଦ୍ୱିତୀକୃଷ୍ଣ ପଣ୍ଡା): ବେଲଗାଁ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ସହ ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ବେଲଗାଁ ଥାନା ହନ୍ତସ ଗ୍ରାମର ଅରୁଣ ବସ୍ତିଆ।

ପ୍ରକାଶ ଯେ, ଗତ ୨୧ ତାରିଖ ସକାଳେ ମହିଳା ଜଣକ ଘରେ ଏକାକୀ ଥିବା ବେଳେ ଅଭିଯୁକ୍ତ ବଳପୂର୍ବକ ଉକ୍ତ ଘରେ ପଶି ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣଙ୍କ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ଏକ ତକିଆରେ ମହିଳାଙ୍କ ମୁହଁକୁ ଶ୍ୱାସରୁଦ୍ଧ କରି ହତ୍ୟା ଉଦ୍ୟମ କରିଥିଲେ। ତେବେ ମହିଳା ଜଣଙ୍କ କୌଶଳ କ୍ରମେ ଖସି ଯିବାରୁ ଅଭିଯୁକ୍ତ ଜଣକ ମହିଳାଙ୍କୁ ଏହି ଘଟଣାକୁ ବାହାରେ ପ୍ରଘଟ କଲେ ସ୍ୱାମୀ ସମେତ ୨ ଛୁଆଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ମହିଳା ଜଣଙ୍କ ଅନ୍ୟତ୍ର ରହୁଥିବା ସ୍ୱାମୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବା ସହ ସ୍ୱାମୀ ଗାଁକୁ ଫେରିବା ପରେ ମଙ୍ଗଳବାର ରାତିରେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ବେଲଗାଁ ଥାନା ପୋଲିସ ନଂ. ୧୦୩/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଆସିକା, ୪ା୯ (ସୁରେନ୍ଦ୍ର ନାଥ ସାହୁ): ଆସିକା ଥାନା ଅନ୍ତର୍ଗତ ଖଣ୍ଡଦେଉଳି ପଞ୍ଚାୟତ କେ. ନୂଆଗାଁ ଗ୍ରାମରେ ବୁଧବାର ସକାଳେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗ୍ରାମର କୃଷ୍ଣଚନ୍ଦ୍ର ପାତ୍ର (୨୫) । କୃଷ୍ଣଚନ୍ଦ୍ର ଚାଷ କାମ ସାରି ଗାଧୋଇ ଯାଇଥିଲା ବେଳେ ଗୋଡ ଖସିଯିବାରୁ ବୁଡ଼ି ଯାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆସିକା ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି । ଲ ।ନଇ ନଂ.୨୦/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ସ୍କୁଲଗାଡ଼ି ଯାଞ୍ଚ, ଜରିମାନା ଆଦାୟ

ଆସିକା, ୪ା୯ (ସୁରେନ୍ଦ୍ର ନାଥ ସାହୁ): ଗଞ୍ଜାମ ଜିଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପକ୍ଷରୁ ସୋମବାର ଓ ମଙ୍ଗଳବାର ଆସିକା ଅଞ୍ଚଳରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେବା ଆଣିବା କରୁଥିବା ଗାଡିଗୁଡିକର ଯାଞ୍ଚ କରାଯାଇଥିଲା । ଏହି ଯାଞ୍ଚରେ ୧୧୦ଟି ମାମଲା ରୁଜୁ କରାଯାଇଥିଲା ବେଳେ ୭ଲକ୍ଷ ୭୩ହଜାର ୭୨୦ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ ସୂଚନା ଦେଇଛନ୍ତି । ଆସିକା-ବାଲିପଦର, ଆସିକା- କବିସୂର୍ଯ୍ୟନଗର, ଆସିକା-ବ୍ରହ୍ମପୁର, ଆସିକା-ଭଞ୍ଜନଗର ଓ ଆସିକା-ସୋରଡା ରାସ୍ତାରେ ବିଶେଷ କରି ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେବା ଆଣିବା କରୁଥିବା ଗାଡି ଓ ନିର୍ଦ୍ଧାରିତ କ୍ଷମତା ଠାରୁ ଅଧିକ ପରିବହନ କରୁଥିବା ଗାଡିର ଯାଞ୍ଚ କରାଯାଇଥିଲା । ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନେତୃତ୍ୱରେ ମୋଟରଯାନ ଇନିସପେକ୍ଟର ଶର୍ମିଳା ମହାରଣା, ଟ୍ରାଫିକ ଇନିସପେକ୍ଟର ଜିତେନ୍ଦ୍ର ମୁର୍ମୁ ପ୍ରମୁଖ ଯାଞ୍ଚ କରିଥିଲେ।

# ମହୁଚାଷ ଗ୍ରାମବାସୀଙ୍କୁ ଦେଉଛି ରୋଜଗାର

ସୋରଡା, ୪ା୯ (ରଜନୀ ମହାପାତ୍ର)

ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧୀନ ବଡଗଡ ବନାଞ୍ଚଳର ଲେମ୍ବାକୁମ୍ପା, ରୋଲା, ବେସରବଟା, ବିଞ୍ଝିଗିରି, ମାଧବପୁର ଆଦି ଗ୍ରାମରେ ମହୁଚାଷ ଗ୍ରାମବାସୀଙ୍କୁ ଦେଉଛି ରୋଜଗାର। ଏହି ବଡଗଡ ବନାଞ୍ଚଳର ଉପରୋକ୍ତ ଗ୍ରାମଗୁଡ଼ିକୁ ନେଇ କରାଯାଇଥିବା ପ୍ରୟାସ ଏବେ ସୁଫଳ ଦେଉଛି। ଏହା ସେମାନଙ୍କୁ ଆତ୍ମ ନିର୍ଭରଶୀଳ କରାଇବାରେ ସହାୟକ ହେଉଛି। ସବୁଜ ଭାରତ ଅଭିଯାନ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ୫ଟି ବନସୁରକ୍ଷା ସମିତିଙ୍କୁ ରୋଜଗାର ଯୋଗାଇ ଦେବା ନେଇ ଉଦ୍ୟମ ଆରମ୍ଭ ହୋଇଛି। ଏହି ଗ୍ରାମର କିଛି ଲୋକ ବର୍ତ୍ତମାନ ବନ ସୁରକ୍ଷାରେ ନିଯୁକ୍ତ ହୋଇ ଜଙ୍ଗଲକୁ ସୁରକ୍ଷା ଦେବା ସହିତ ବଡ଼ଗଡ଼ ବନାଞ୍ଚଳ ଅଧିକାରୀଙ୍କ ପ୍ରୋତ୍ସାହନରେ ମହୁ ଚାଷ, ମାଛ ଚାଷ ପ୍ରତି ଆକୃଷ୍ଟ ହୋଇଛନ୍ତି।



ବାବୁ ବିଶୋୟୀ କରିଥିବା ମହୁଚାଷ।

ମହୁଚାଷ ପଦ୍ଧତି ଏକ ଜଟିଳ ଚାଷ ପଦ୍ଧତି ହୋଇଥିଲେ ସୁଦ୍ଧା ଏହା ଏକ ଲାଭଦାୟକ ଚାଷ ହୋଇଥିବାରୁ ଏହି ଗ୍ରାମର ଚାଷୀ ମହୁଚାଷ କରି ଲାଭାନ୍ୱିତ ହେବାକୁ ଆଶା ବାନ୍ଧିଛନ୍ତି। ମହୁଚାଷୀମାନେ ଦୈନିକ ଦୁଇରୁ ତିନି ଘଣ୍ଟା ମହୁ ଚାଷରେ ନିୟୋଜିତ ହୁଅନ୍ତି।

ଅନ୍ୟପକ୍ଷରେ ଉପରୋକ୍ତ ୫ଟି ଗ୍ରାମରେ ମାଛଚାଷ ପାଇଁ ଆଗ୍ରହୀ ହେଉଥିବା ୨୫ ଚାଷୀଙ୍କୁ ମାଛ ଚାଷ କରିବା ପାଇଁ ବିଭିନ୍ନ ଉପକରଣ ଦେବା ସହ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଫଳରେ ସେମାନେ ଦାଦନ ଖଟିବାକୁ ନ ଯାଇ ଏଠାରେ ରୋଜଗାରକ୍ଷମ ହୋଇପାରିଛନ୍ତି। ବନାଞ୍ଚଳ ଅଧିକାରୀଙ୍କ ସହଯୋଗରେ ଗ୍ରାମବାସୀଙ୍କୁ ମାଛଚାଷ କରିବାକୁ ୨୫ହଜାର ଟଙ୍କା ଲେଖାଏ ବିଭାଗ ପକ୍ଷରୁ ଦିଆଯାଇଛି। ସେହି ଅର୍ଥରେ ଗ୍ରାମବାସୀ ରୋହି, ଭାକୁର ଓ ମୀରା ମାଛ ଚାଷ କରୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ସେମାନେ ବଡ଼ଗଡ଼ ବନାଞ୍ଚଳ ଅଧିକାରୀ, ସିଦ୍ଧପୁର ଫରେଷ୍ଟର ଓ ଫରେଷ୍ଟ ଗାର୍ଡଙ୍କ ସହଯୋଗ ପାଇଛନ୍ତି। ଏନେଇ ବାବୁ ବିଶୋୟୀ କହନ୍ତି, ବଡଗଡ ବନାଞ୍ଚଳ ଅଧିକାରୀଙ୍କୁ ସେ ସାହାଯ୍ୟ ମାଗିବାକୁ ଯାଇଥିଲେ। ସେ ମାଛ ଓ ମହୁଚାଷ କରିବାପାଇଁ କହିଥିଲେ। ତାଙ୍କ ପ୍ରସ୍ତାବରେ ରାଜି ହୋଇ ମୁଁ କାମ ଆରମ୍ଭ କରିଛି। ଏଥିରେ ମୁଁ ଖୁସି ଅଛି ବୋଲି କହିଛନ୍ତି ବାବୁ। ଅନ୍ୟପକ୍ଷରେ ଯଦି ବନବିଭାଗ ସହାୟତା ଦେଇ ଆମକୁ ରୋଜଗାରକ୍ଷମ କଲା ତେବେ ଆମେ ଆଉ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବୁନି ବୋଲି କହିଛନ୍ତି ଗ୍ରାମବାସୀ।

# ପଦାର୍ଥ ବିଜ୍ଞାନ, ଇଲେକ୍ଟ୍ରୋନିକ୍ସ ବିଭାଗର ପାଠଚକ୍ର



ପଦାର୍ଥ ବିଜ୍ଞାନ ସନ୍ଦର୍ଭକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଭଞ୍ଜନଗର, ୪ା୯ (ବାବୁଲା ପ୍ରଧାନ):

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବୁଧବାର ପଦାର୍ଥ ବିଜ୍ଞାନ ଏବଂ ଇଲେକ୍ଟ୍ରୋନିକ୍ସ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ପଦାର୍ଥ ବିଜ୍ଞାନ ବିଭାଗର ପାଠଚକ୍ରରେ ପ୍ରାଧ୍ୟାପକ ବିଭାସ ଦାସ ଅଧ୍ୟକ୍ଷତା କରି ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସସ୍ମିତା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ସୁଧାଶ୍ରୀ ନାୟକ, ଅଧ୍ୟାପକ ହରପ୍ରସାଦ ଶତପଥୀ, ଅର୍ପଣ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ର ରଜତ ସାଇଁ ଇଣ୍ଡିୟମ ଟିନ ଅକ୍ସାଇଡ ଉପରେ ଲିଖିତ ସନ୍ଦର୍ଭଟିକୁ ପଠନ କରିଥିଲେ। ତାଙ୍କୁ ବିଭାଗୀୟ ଅଧ୍ୟାପକ ରମାକାନ୍ତ ସାହୁ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିଭଳି ଇଲେକ୍ଟ୍ରୋନିକ୍ସ ବିଭାଗରେ ମଧ୍ୟ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯିବା ସହ ପାଠଚକ୍ର ହୋଇଥିଲା। ବିଭାଗୀୟ ମୁଖ୍ୟ ତଥା ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ବୁଦ୍ଧିନାଥ ବେହେରା ସ୍ୱାଗତ ଭାଷଣ ଦେବା ସହ ସଭା ସଂଯୋଜନା କରିଥିଲେ। ସୁନିଲ ବ୍ରହ୍ମା, ଟୁନା ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଆ ଓ ଇଂଲିଶରେ ହେବ ସରକାରୀ କାର୍ଯ୍ୟ

ପାରଳାଖେମୁଣ୍ଡି, ୪ା୯ (ଗିରିଧାରୀ ପରିଛା):

**ଗଜପତି ଜିଲା**

ରାଜ୍ୟର ସମସ୍ତ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ସମସ୍ତ କାର୍ଯ୍ୟ କରିବାକୁ ଓଡ଼ିଶା ସରକାର ସବୁ ଜିଲାକୁ ନିର୍ଦ୍ଦେଶ ଦେଇଛନ୍ତି। ଗଜପତି ଜିଲାରେ ଏହା କେତେଦୂର ପାଳନ ହୋଇଛି, ପ୍ରଶାସନ ପକ୍ଷରୁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି ଧରିତ୍ରୀ ତାହାର ସ୍ଥିତି ପରଖିଥିଲା। ଏବେବି ବିଭିନ୍ନ ସରକାରୀ ଦସ୍ତାବିଜ, ସାଧାରଣ ଲୋକଙ୍କ ପାଇଁ ଲାଗିଥିବା ନୋଟିସବୋର୍ଡ, ବିଭିନ୍ନ ସରକାରୀ ଦପ୍ତରରେ ଲାଗିଥିବା ନାମଫଳକ ଇଂଲିଶ ଭାଷାରେ ରହିଥିବା ଦେଖିବାକୁ ମିଳିଛି। ଏପରକି ବର୍ତ୍ତମାନ ସୁଦ୍ଧା ଅନେକ ବିଭାଗର ଫାଇଲରେ ଇଂଲିଶ ଭାଷା ବ୍ୟବହାର କରାଯାଉଛି। ଏହାର କାରଣ ଜାଣିବାକୁ ଚାହିଁବାରୁ, ଜିଲାରେ ଉଭୟ ଓଡ଼ିଆ ଓ ଇଂଲିଶରେ ସରକାରୀ କାର୍ଯ୍ୟ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ କହିଛନ୍ତି, ଜିଲାର ସମସ୍ତ ବିଭାଗୀୟ ଅଧିକାରୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନକୁ ସେମାନଙ୍କ ବିଭାଗର ନାମଫଳକ, ନୋଟିସ ବୋର୍ଡ଼, ସରକାରୀ ଚିଠିପତ୍ର, ବିଭିନ୍ନ ସରକାରୀ ଫାଇଲ କାମ ଆଦି ଓଡ଼ିଆ ଭାଷା ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ମଧ୍ୟ ପାଳନ କରାଯାଉଛି। ହେଲେ ଗଜପତି ଆନ୍ଧ୍ରର ସୀମାନ୍ତ ଜିଲା ହୋଇଥିବାରୁ ଏଠାରେ ଭାଷାଗତ ସମସ୍ୟା ରହୁଛି। ଜିଲାରେ ୪୦ରୁ ୪୫ ପ୍ରତିଶତ ତେଲୁଗୁ ଭାଷାଭାଷୀ ଲୋକେ ବସବାସ କରୁଛନ୍ତି। ତେଣୁ ସରକାରୀ କାଗଜପତ୍ର ଓଡ଼ିଆ ଓ ଇଂଲିଶରେ ମଧ୍ୟ ରହିବ। ଆଗାମୀ ଦିନରେ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆରେ ହେବ ବୋଲି କହିଛନ୍ତି।

ଓଡ଼ିଆ ଅସ୍ମିତାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବେଳେ ଜିଲା ଜିଲାସଦର ମହକୁମା ପାରଳାଖେମୁଣ୍ଡିରେ ବିଭିନ୍ନ ବିଭାଗରେ ସରକାରୀ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରି ନ ଥିବା ବେଳେ ଜିଲାର ଆଭ୍ୟନ୍ତରୀଣ ବ୍ଲକ, ପଞ୍ଚାୟତ ଓ ଗ୍ରାମାଞ୍ଚଳରେ କେତେଦୂର ଓଡ଼ିଆ ଭାଷାକୁ ଗୁରୁତ୍ୱ ଦିଆଯାଉଥିବ ତାହା ଏଥିରୁ ସହଜରେ ଅନୁମାନ କରାଯାଇପାରେ।

## ଗୋଟିଏ ରାତିରେ ଦୁଇଟି ସ୍ଥାନରୁ ଚୋରି

ଗଞ୍ଜାମ, ୪ା୯ (ବିଦ୍ୟାଧର ସାହୁ)-ଗଞ୍ଜାମ ବଡ଼ବଜାର ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁଇଟି ସ୍ଥାନରୁ ଚୋରି ହୋଇଛି। ବଜାର ହରିଜନ ସାହିରୁ ମନୋଜ ନାୟକଙ୍କ ବାଇକ୍ ଓ ଟୁଟୁକେଶରୀ ନାୟକଙ୍କ ବାଇକ୍ ଚୋରି ହୋଇଥିବା ବେଳେ ଅଜୁ ନାୟକଙ୍କ ବାଇକ୍‌କୁ ଦୁର୍ବୃତ୍ତ ଘର ଆଗରୁ ନେଇ ନିକଟସ୍ଥ ଲତାବୁଦାରେ ଫିଙ୍ଗି ଦେଇଛନ୍ତି। ସେହିପରି ଦୁର୍ବୃତ୍ତ ଅନ୍ୟ ଜଣଙ୍କ ଘରେ ପଶି ଜଣେ ମହିଳାଙ୍କ ବେକରୁ ଦେଢ଼ଭରିର ସୁନାଚେନ ଲୁଟି ନେଇଛନ୍ତି। ବୁଧବାର ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର ସଦଳେବଳେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସୁନାଚେନ ଲୁଟ ହୋଇଥିବା ଘରର ମାଲିକ କୌଣସି କାମରେ ବାହାର ରାଜ୍ୟକୁ ଯାଇଥିବା ବେଳେ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ବଜ୍ରକୋଟ ବଂଶୀଧର ସେଠୀ ତାଙ୍କ ଜ୍ୱାଇଁଙ୍କ ଘରେ ଝିଅ ସହ ରହୁଥିଲେ। ମଙ୍ଗଳବାର ରାତି ପ୍ରାୟ ସାଢେ ୨ଟାରେ ଦୁର୍ବୃତ୍ତମାନେ ଗ୍ରିଲ ତାଲା ଭାଙ୍ଗି ଘରେ ପଶି ବଂଶୀଧରଙ୍କ ମୁହଁରେ କପଡା ଢାଙ୍କି ତର୍ଣ୍ଣିଚିପି ତାଙ୍କ ଝିଅଙ୍କ ବେକରୁ ସୁନାଚେନ ନେଇଯାଇଥିବା ସେ ପୋଲିସକୁ କହିଛନ୍ତି।

## ସାଇଜ କାଠ ବୋଝେଇ ଗାଡ଼ି ଜବତ

ଆସିକା, ୪ା୯ (ସୁରେନ୍ଦ୍ର ନାଥ ସାହୁ): ଆସିକା - ବାଲିପଦର ମୁଖ୍ୟ ରାସ୍ତାର ବାବନପୁର ଛକ ନିକଟରୁ ବୁଧବାର ବନବିଭାଗ ପକ୍ଷରୁ ସାଇଜ କାଠ ବୋଝେଇ ଏକ ପିକ୍‌ଅପ ଭ୍ୟାନକୁ ଜବତ କରାଯାଇଛି । ଗାଡି ଚାଳକ ବେଲଗୁଣ୍ଠା ବ୍ଲକ ତନରଡା ଗ୍ରାମର ଜ୍ୟୋତିଲାଲ ସ୍ୱାଇଁଙ୍କୁ ଗିରଫ କରାଯାଇଛି। ଏ ନେଇ ଆସିକା ବନାଞ୍ଚଳ କାର୍ଯ୍ୟାଳୟରେ ନଂ.୧୦୬/୨୪-୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ସୂଚନା ଦେଇଛନ୍ତି । ଜବତ ଗାଡିରେ ୮୦ଖଣ୍ଡ ସାଇଜ ଶାଳ କାଠ ଥିଲା। ୫୭ ଘନଫୁଟର ଏହି କାଠ ଭଞ୍ଜନଗର ତାରସିଙ୍ଗ ଅଞ୍ଚଳରୁ ବ୍ରହ୍ମପୁରକୁ ଯାଉଥିଲା ବେଳେ କୌଣସି ସୂତ୍ରରୁ ଖବର ପାଇ ବନାଞ୍ଚଳ ଅଧିକାରୀ ପଣ୍ଡା, ବନପାଳ ଶରତ ବେହେରା ଓ ବନ୍ୟ କର୍ମଚାରୀ ରାସ୍ତାରେ ଅଟକାଇ ଜବତ କରିଥିଲେ ।

# ଆର୍. ଉଦୟଗିରି ବ୍ଲକରେ ଜିଲାପାଳଙ୍କ ସମୀକ୍ଷା

ଆର.ଉଦୟଗିରି, ୪ା୫ (ମନୋଜ କୁମାର ପାଢୀ)

ଗଜପତି ଜିଲାପାଳ ବିଜୟ କୁମାର ଦାସ ମଙ୍ଗଳବାର ଆର. ଉଦୟଗିରି ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳ ସମ୍ବଲପୁର ଗ୍ରାମରେ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ଜନଜାଗରଣ ସମ୍ମିଳନୀ ଏବଂ ଜିଲା ପ୍ରଶାସନ ମିଳିତ ବୈଠକ ଯୋଗଦେଇ ଅଞ୍ଚଳବାସୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହାପରେ ବ୍ଲକ ସଭାଗୃହରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଲିଥିବା ବିଭିନ୍ନ ଉନ୍ନତି ମୂଳକ କାମଗୁଡିକର ସମୀକ୍ଷା କରିଥିଲେ। ସମସ୍ତ କାମକୁ ଠିକ ସମୟରେ ସାରିବାକୁ ତାଗିଦ କରିଥିଲେ। ନୂଆ ଜିଲାପାଳ ବ୍ଲକ ଗସ୍ତରେ ଆସିଥିବା ଖବରପାଇ ଗ୍ରାମବାସୀ ଆସି ବସଷ୍ଟାଣ୍ଡ ଗୃହ ଆବଣ୍ଟନରେ ହୋଇଥିବା ଅନିୟମିତତାର ଅନୁଧ୍ୟାନ କରି ନ୍ୟାୟ ଦେବାକୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଖୁବଶୀଘ୍ର ଏହାର ତଦନ୍ତ କରାଯିବ ବୋଲି ଜିଲାପାଳ କହିଥିଲେ। ଜିଲାପାଳ ଆର,ଉଦୟଗିରି ମିଶନ ଶକ୍ତି କାଫେ, କୃଷି ବିଜ୍ଞାନ କେନ୍ଦ୍ର, ଡୁମ୍ବା ପାର୍କ, କାଫେ, ଅବରସିଂ ଅମ୍ରିତା ସରବର, ତଳଡା ଅଙ୍ଗନବାଡି କେନ୍ଦ୍ର, ଛେଲିଗଡ ଓଏଲଏମ ୱାର୍କ ଓ ରଣ୍ଡିବା ଗ୍ରାମପଞ୍ଚାୟତର କାମ ବୁଲି ବୁଲି ଦେଖିଥିଲେ। ତାଙ୍କ ସହ ଜିଲା ଓ ବ୍ଲକସ୍ତର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଗର୍ଜେଡିର ଲିନ୍ସା ଏବେ ଡାକ୍ତରୀ ଛାତ୍ରୀ

**ବିନା କୋଚିଂ, ଅକ୍ଲାନ୍ତ ପରିଶ୍ରମ ଆଣିଛି ସଫଳତା**

ଦାରିଙ୍ଗବାଡି, ୪ା୯ (ଅରୁଣ ସାହୁ)

ଅକ୍ଲାନ୍ତ ପରିଶ୍ରମ କେବେ ବୃଥା ଯାଏନି, ଦିନେ ନା ଦିନେ ସଫଳତା ଆଣିଦେବ। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବାଡାବାଙ୍ଗା ପଞ୍ଚାୟତ ଗର୍ଜେଡି ଗ୍ରାମର ଛାତ୍ରୀ ଲିନ୍ସା ପ୍ରଧାନଙ୍କ କ୍ଷେତ୍ରରେ। ସେ ଚଳିତ ନିଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏବେ ଡାକ୍ତରୀ ପଢିବାକୁ ଯାଉଛନ୍ତି। ଦିବ୍ୟାଙ୍ଗ ହୋଇ ସଂଘର୍ଷ କରି ସେ ଏହି ସ୍ଥାନରେ ପହଞ୍ଚିଥିବା କହିଛନ୍ତି। ତାଙ୍କ ବ୍ୟାକ୍ ବୋନରେ ପ୍ରାୟ ୭୦ଶତକଡ଼ା ସମସ୍ୟା ରହିଥିଲେ ସୁଦ୍ଧା ଘରେ ମା'ଙ୍କ ସହ ସବୁ କାମ କରୁଥିଲେ ଏବଂ ଚାଷ କାର୍ଯ୍ୟରେ ସାହାଯ୍ୟ କରିବା ସହ ନିଟ ପାଇଁ ପ୍ରସ୍ତୁତ ହେଉଥିଲେ। ଲିନ୍ସା ଅନଲାଇନ ଓ ସାମାଜିକ ଗଣମାଧ୍ୟମ ଉପରେ ନିର୍ଭର କରି ନିଜ ପ୍ରୟାସରେ ଦ୍ୱିତୀୟ ଥରରେ ସେ ନିଟରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିପାଇଁ ତାଙ୍କୁ ଗାଁ ଓ ପଞ୍ଚାୟତ ଅଞ୍ଚଳର ସୁନା ଝିଅ ବୋଲି ସମସ୍ତେ ଡାକନ୍ତି। ଲିନ୍ସା ମଧ୍ୟ ଭଲ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କହିବା ସହ ତାଙ୍କ ବାପା ଇଲିଆସ ପ୍ରଧାନ, ମା'ରୀନା ପ୍ରଧାନ ଏବଂ ବଡ ଭାଇ ଆଶିଷ କୁମାର ପ୍ରଧାନଙ୍କୁ ଶ୍ରେୟ ଦେଇଛନ୍ତି।

ଲିନ୍ସା ପ୍ରାଥମିକ ଶିକ୍ଷା ବାଲିଗୁଡା ବ୍ଲକ ରଡୁଙ୍ଗିଆ ପଞ୍ଚାୟତ କରୁମୁଣ୍ଡାଠାରେ ଥିବା ଇଂଲିଶ ମିଡିୟମରେ ଦଶମ ପର୍ଯ୍ୟନ୍ତ ପଢିବା ପରେ ଉଚ୍ଚ ଶିକ୍ଷା ପାଇଁ ନୟାଗଡ଼ ଜିଲା ଏକ ଘରୋଇ ଅନୁଷ୍ଠାନରେ ୨୦୨୧ରେ ଶେଷ କରିଥିଲେ। ପରେ ଯୁକ୍ତ ୩ ପାଇଁ ଭୁବନେଶ୍ୱରରେ ଏକ ଅନୁଷ୍ଠାନରେ ନାମ ଲେଖାଇଥିଲେ, ହେଲେ କୋଚିଂ ନେବାପାଇଁ ଉକ୍ତ ଅନୁଷ୍ଠାନରେ ବ୍ୟବସ୍ଥା ନଥିଲା କି ତାଙ୍କ ପରିବାର କୌଣସି ଭଲ କୋଚିଂ ସେଣ୍ଟରରେ ପଢାଇବା ପାଇଁ ଆର୍ଥିକ ପରିସ୍ଥିତି ଭଲ ନଥିଲା। ସେପଟେ ଉକ୍ତ ଶିକ୍ଷା ଅନୁଷ୍ଠାନରେ ମୋବାଇଲ ବ୍ୟବହାର ମଧ୍ୟ କଟକଣା ରହିଥିଲା। ଫଳରେ ସେ ଘରକୁ ଫେରି କଠିନ ପରିଶ୍ରମ କରି ସଫଳ ହୋଇପାରିଥିବା କହିଛନ୍ତି। ସେ ନିଜ ମୋବାଇଲରୁ ନିଟ ପରୀକ୍ଷା ପାଇଁ ଆବଶ୍ୟକ ବିଷୟ ଡାଉନଲୋଡ଼ କରି ନୋଟ ପ୍ରସ୍ତୁତ କରି ପଢିଥିବା କହିଛନ୍ତି। ଡାକ୍ତରୀ ଛାତ୍ରୀଙ୍କ ବାପା ଜଣେ ଗଣ ଶିକ୍ଷକ ହୋଇଥିବା ବେଳେ ମା'ଅଙ୍ଗନାୱାଡି କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି। ଦୁହିଁଙ୍କ ସ୍ୱଳ୍ପ ଦରମାରେ ବଡ଼ ପୁଅ ପୋଷ୍ଟ ଗ୍ରାଜୁଏଟ କରୁଥିବା ବେଳେ ଲିନ୍ସା ଏବେ ଡାକ୍ତରୀ ଛାତ୍ରୀ ଅନ୍ୟ ଛୋଟ ପୁଅ ଓ ଝିଅ ମଧ୍ୟ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଲିନ୍ସାଙ୍କ ବାପା କହିଛନ୍ତି।



ଲିନ୍ସା ପ୍ରଧାନ।

# ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ଜନଜାଗରଣ ସମ୍ମିଳନୀ, ଜିଲା ପ୍ରଶାସନର ମିଳିତ ବୈଠକ



ନୂଆଗଡ଼, ୪ା୯ (ଯୋଗ୍ୟବନ୍ତ ପରିଛା): ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ସମ୍ବଲପୁର ପଞ୍ଚାୟତ ହାଟପଦା ଆମ୍ବତୋଟା ପଡ଼ିଆରେ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ଜନଜାଗରଣ ସମ୍ମିଳନୀ ଏବଂ ଜିଲା ପ୍ରଶାସନ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦୁର୍ଗମ ପାହାଡ଼ିଆ ଅଞ୍ଚଳ ମୋହନା ନିର୍ବାଚନ ମଣ୍ଡଳୀର ୩ଟି ବ୍ଲକ ତଥା ନୂଆଗଡ଼, ଆର.ଉଦୟଗିରି ଓ ମୋହନା ବ୍ଲକର ବିଭିନ୍ନ ପ୍ରକାରର ଚାଷ ଏବଂ ଚାଷୀଙ୍କର ଉତ୍ପାଦନ ବିଷୟରେ ଆଲୋଚନା ହୋଇଥିଲା। ୩ଟି ବ୍ଲକର ଅଧିକାଂଶ ସରପଞ୍ଚ, ସମିତି ସଭ୍ୟ, ବହୁ ବୁଦ୍ଧିଜୀବୀ ଓ ହଜାର ହଜାର ସଂଖ୍ୟାରେ ମହିଳା, ପୁରୁଷ ଚାଷୀ ଉପସ୍ଥିତ ଥିଲେ। ବୈଠକରେ ଜିଲାପାଳ ବିଜୟ କୁମାର ଦାସ, ଜିଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାରି, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବରଙ୍କ ସହ ଜିଲା ଏବଂ ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀ, ବ୍ଲକ ଅଧ୍ୟକ୍ଷା ମାଳତୀ ପ୍ରଧାନ, ଉପାଧ୍ୟକ୍ଷ ନିହିମିୟା ରଇତ ଉପସ୍ଥିତ ଥିଲେ। ସରକାର ସମସ୍ତଙ୍କୁ ସହାୟତା, ପାଠ ପଢିଥିବା ପିଲାଙ୍କ ନିମନ୍ତେ ଚାକିରି, ଗଞ୍ଜେଇ ଚାଷକୁ ସ୍ୱୀକୃତି, ପୋଲିସ ସୂଚନା ନ ଦେଇ ରାତିଅଧରେ ଅଞ୍ଚଳକୁ ନ ଆସିବାକୁ ଅଞ୍ଚଳବାସୀ ଦାବି କରିଥିଲେ। ଗଞ୍ଜେଇ ଚାଷ ନ କରି ଅନ୍ୟାନ୍ୟ ଚାଷ କରିବାକୁ ଜିଲାପାଳ ସେମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକକୁ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ଜନଜାଗରଣ ସମ୍ମିଳନୀର ସଭାପତି ସୁକୁ ଗମଙ୍ଗ, ସମ୍ପାଦକ ବ୍ରହ୍ମା ନନ୍ଦ ଭୂୟାଁ ଏବଂ ମେମ୍ବର ଗଣ ପ୍ରେମା ରଇତ, ନିହୀମୀୟା ରଇତ, ନହସନ ମାଝୀ, ସାମସନ ମାଝୀ, ମନୀୟମ ଗମାଙ୍ଗ ଆୟୋଜନ କରିବା ସମେତ ପରିଚାଳନା କରିଥିଲେ।

# ଆନ୍ଦୋଳନ ପାଇଁ ଦାବିପତ୍ର ଦେଲେ ମହିଳା

ଚକାପାଦ, ୪ା୯ (ପ୍ରତାପ କିଶୋର ବେହେରା)

ମଙ୍ଗଳବାର ଚକାପାଦ ବ୍ଲକ ବପଲମେଣ୍ଡି ଗ୍ରାମ ପଞ୍ଚାୟତର ୧୨ଟି ୱାର୍ଡ଼ର ମହିଳାମାନେ ସରପଞ୍ଚ ରଞ୍ଜନ କୁମାର ମଲ୍ଲିକଙ୍କୁ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଲିଖିତ ଦାବିପତ୍ର ଦେଇଛନ୍ତି। ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନ ସୁଭଦ୍ରା ଯୋଜନାରେ ଆବେଦନ କରିବା ପାଇଁ କୌଣସି ସୁବିଧା ନ ଥିବାରୁ ସେମାନେ ହଇରାଣ ହେଉଛନ୍ତି। ଏପରିକି ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ସବୁ ପ୍ରକାର ସୁବିଧା ଥିବା ବେଳେ ବପଲମେଣ୍ଡି ଗ୍ରାମ ପଞ୍ଚାୟତରେ କୌଣସି ସୁବିଧା ନ ଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସରପଞ୍ଚ ମଲ୍ଲିକ କହିଛନ୍ତି ପଞ୍ଚାୟତରେ ନେଟୱର୍କ ନ ଥିବାରୁ ଅନେକ ସମସ୍ୟା ହେଉଛି। ଏବିଷୟରେ ସେ ସୋମବାର ଜିଲାପାଳଙ୍କୁ ଜଣାଇଛନ୍ତି।



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

ଜନସାଧାରଣଙ୍କ ସୁବିଧା ପାଇଁ ଗତ ସରକାର ବ୍ୟାଙ୍କ ଖୋଲିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଚାବି ପଡ଼ିଛି। ପାଖରେ ବିଏସ୍‌ଏନ୍‌ଏଲ୍ ଟାୱାର ନିର୍ମାଣ ହୋଇଥିଲେ ମଧ୍ୟ କାମରେ ଆସୁନାହିଁ। ଏନେଇ ବିଭାଗୀୟ ଅଧିକାରୀ ଅତିରିକ୍ତ ପରିଚାଳକ ବୃନ୍ଦାବନ ମାଝୀଙ୍କୁ ପଚାରିବାରୁ ସେ କହିଲେ, ଆସନ୍ତା ତିନି ଦିନ ମଧ୍ୟରେ ଏହି ଟାୱାର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଯଦି ଅଧିକାରୀ ଦେଇଥିବା ସମୟ ମଧ୍ୟରେ ନେଟୱାର୍କ କାର୍ଯ୍ୟକ୍ଷମ ନ ହେବେ ତେବେ ରାଜରାସ୍ତା ଅବରୋଧ କରି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ଗ୍ରାମବାସୀ ହରିପ୍ରିୟା ସାହାଣୀ, ଅପୂର୍ଣ୍ଣା କହଁର, ସବିତା ମଲ୍ଲିକ, ସୁମତୀ ଗଣ୍ଡାଙ୍କ ସହ ପଞ୍ଚାୟତର ମହିଳା ମହାସଂଘ ଚେତାବନୀ ଦେଇଛନ୍ତି।

# ଯାନ୍ତ୍ରିକ ତ୍ରୁଟି ସୁଧାରିପାରୁନି ବିଦ୍ୟୁତ୍ ବିଭାଗ

ପାରଳାଖେମୁଣ୍ଡି, ୪ା୯ (ଗିରିଧାରୀ ପରିଛା)

- ଘଣ୍ଟାକୁ ଘଣ୍ଟା କଟୁଛି ବିଦ୍ୟୁତ୍
- ହନ୍ତସନ୍ତ ହେଉଛନ୍ତି ଗୁମ୍ମା ବ୍ଲକବାସୀ

ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଦୁଇମାସ ହେବ ବିଦ୍ୟୁତ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି ଗଜପତି ଜିଲା ଗୁମ୍ମା ବ୍ଲକବାସୀ। ଗୁମ୍ମା ବ୍ଲକ ସଦର ମହକୁମା ବିଦ୍ୟୁତ୍ କାର୍ଯ୍ୟାଳୟ ଯନ୍ତ୍ରପାତିରେ ତ୍ରୁଟି ଥିବାରୁ ଘଣ୍ଟାକୁ ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଛି। ଯାନ୍ତ୍ରିକ ତ୍ରୁଟି ଯୋଗୁ ବେଳେ ବେଳେ ୩ରୁ ଚାରି ୪ଘଣ୍ଟା ବିଦ୍ୟୁତ୍ କଟୁଛି। ଅନ୍ୟପକ୍ଷରେ ଲୋ ଭୋଲଟେଜ ହେତୁ ଅନେକଙ୍କ ଫ୍ୟାନ, ଇନ୍‌ଭରଟର, ବଲବ୍, ଫ୍ରିଜ ଆଦି ପୋଡ଼ି ଯାଇଥିବା ଅଭିଯୋଗ ହେଉଛି। ଗୁମ୍ମା ସଦରମହକୁମାରେ ବ୍ଲକ, ତହସିଲ, ବ୍ୟାଙ୍କ, ଆଧାର କାର୍ଡ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସମବାୟ ସମିତି କାର୍ଯ୍ୟାଳୟଗୁଡିକରେ ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ ବିଭିନ୍ନ ସରକାରୀ କାର୍ଯ୍ୟ ଅଟକି ରହୁଛି। ଏବେ ସରକାର ରାଶନକାର୍ଡ ଓ ସୁଭଦ୍ରା ଯୋଜନା ପାଇଁ ଆବେଦନ ଜନସେବା କେନ୍ଦ୍ରରେ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିଯୋଗୁ ଜନସେବାକେନ୍ଦ୍ରରେ ହିତାଧିକାରୀଙ୍କ ଭିଡ ଜମୁଛି। ମାତ୍ର ବିଦ୍ୟୁତ୍ କାଟ୍ ସେମାନଙ୍କୁ ନିରାଶ କରୁଛି। ଗୁମ୍ମା ସଦରମହକୁମାକୁ ଏକ ସ୍ୱତନ୍ତ୍ର ଫିଡର୍ ଯୋଗାଇ ଦେବା ଏବଂ ଦୀର୍ଘ ବର୍ଷ ଧରି ଗାଇବାଠାରେ ଏକ ସବ୍‌ଷ୍ଟେସନ ପ୍ରତିଷ୍ଠା ନିମନ୍ତେ ଜାଗା ଅଧିକରଣ ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତି ଅଭାବରୁ ଏସବୁ କାର୍ଯ୍ୟ ଅଟକି ରହିଛି। ଏହା ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ଗାଇବା ଅଞ୍ଚଳରେ ସର୍ବାଧିକ ବିଦ୍ୟୁତ୍ ଉପଭୋକ୍ତା ରହିଥିବାରୁ ଉକ୍ତ ଅଞ୍ଚଳରେ ଅନେକ ସମସ୍ୟା ରହିଥାଏ। ତେବେ ରାଜ୍ୟ ସରକାରଙ୍କ ନୂତନ ସବ୍ ଷ୍ଟେସନ ତାଲିକାରେ ଗାଇବା ସବ୍‌ଷ୍ଟେସନ ନ ଥିବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।



# ଅନ୍‌ଲାଇନ ଶିକ୍ଷା ଗୁରୁ-ଶିଷ୍ୟ ସମ୍ପର୍କରେ ଦୂରତା ସୃଷ୍ଟି କରିଛି

*ଭାରତୀୟ ସଂସ୍କୃତିରେ ଗୁରୁ ଓ ଶିଷ୍ୟର ପରମ୍ପରା ମହାନ୍। ଗୁରୁ ହେଉଛନ୍ତି ପବିତ୍ରତା, ଶାନ୍ତି,ପ୍ରେମ ଓ ଜ୍ଞାନର ପ୍ରତିମୂର୍ତ୍ତି। ପ୍ରାଚୀନ ସମାଜରେ ଗୁରୁମାନେ ଥିଲେ ସମାଜର ପ୍ରକୃତ ମାର୍ଗ ଦର୍ଶକ। ଏହି ମହାନ ପରମ୍ପରା ଆଜି ଅନ୍‌ଲାଇନ୍ ଶିକ୍ଷା ଓ ଶିକ୍ଷାର ବ୍ୟବସାୟୀକରଣ ଦ୍ୱାରା ବାଧାପ୍ରାପ୍ତ ହୋଇଛି। ଏହାଦ୍ୱାରା ଗୁରୁ-ଶିଷ୍ୟ ସମ୍ପର୍କରେ ଅନ୍ତରାୟ ସୃଷ୍ଟି କରୁଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଅର୍ଥାତ୍ ସେପ୍ଟେମ୍ବର ୫ ତାରିଖ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ତଥା ଗୁରୁଦିବସ ଅବସରରେ ଏକ ସ୍ୱତନ୍ତ୍ର ଉପସ୍ଥାପନା...।*

### ଗୁରୁଙ୍କ ବିନା ଶିକ୍ଷାର ପୂର୍ଣ୍ଣତା ନାହିଁ



"ବିନା ଗୁରୁରେ ଶିଷ୍ୟର ସଫଳତା ଅସମ୍ଭବ। ଯେଉଁ ଦିନ ଶିକ୍ଷା ଖସଡାରେ ନୈତିକ ଶିକ୍ଷାକୁ ସଂଲଗ୍ନ କରାଯିବ, ସେହିଦିନ ଆମେ ଏକ ନୂଆ ସକାଳର ସୁନେଲି ସ୍ୱପ୍ନ ଦେଖି ପାରିବା। ମାତ୍ର ସମ୍ପ୍ରତି ଛାତ୍ରୀଛାତ୍ରଙ୍କ ଏକମାତ୍ର ସାହାରା ପାଲଟିଛି ଗୁଗୁଲ୍। ହେଲେ ଏକଥା ସତ୍ୟ ଯେ, ସମୟ ବଦଳିବା ସହ ଶିକ୍ଷା ବ୍ୟବସ୍ଥା ବଦଳିବାକୁ ବାଧ୍। ତେବେ ଶିକ୍ଷାର ମୌଳିକ ଲକ୍ଷ୍ୟ ବଦଳିଯିବା ନିଶ୍ଚିତ ରୂପେ ବିପଦଜନକ। ଶିକ୍ଷାର ଆଙ୍ଗିକ ପରିବର୍ତ୍ତନ ମଧ୍ୟରେ ଆତ୍ମିକ ବିକୃତି ଆଦୌ ଗ୍ରହଣୀୟ ନୁହେଁ। ସବୁ ତଥ୍ୟ ଓ ସୂଚନା ଗୁଗୁଲ୍‌ରୁ ମିଳିପାରେ କିନ୍ତୁ ତାହା ଗୁରୁଙ୍କ ବିକଳ୍ପ ନୁହେଁ।

-ଗୀତାଞ୍ଜଳି ଦାଶ, ଭାଇସ୍ ଚାନ୍‌ସେଲର, ବରହମପୁର ବିଶ୍ୱ ବିଦ୍ୟାଳୟ

### ଗୁରୁଙ୍କ ଦ୍ୱାରା ଶାନ୍ତି ପ୍ରତିଷ୍ଠା ସମ୍ଭବ



"ନବମ ଶ୍ରେଣୀରେ ପଢୁଥିବା ବେଳେ ଓଡ଼ିଆ ସାହିତ୍ୟରେ 'ଏଣୁ କପୋତ ଗୁରୁ ମୋର' ପଦ୍ୟ ଦ୍ୱାରା ଅବଧୁତଙ୍କ ୨୪ ଗୁରୁଙ୍କ ସମ୍ପର୍କରେ ଅବଗତ ହୋଇଥିଲି। ପ୍ରାଚୀନ ଭାରତୀୟ ସଂସ୍କୃତିରେ ଅଣପାରମ୍ପରିକ ଶିକ୍ଷା, ଶିକ୍ଷକ ଓ ଜ୍ଞାନ ଆହରଣର ଏହି ପରମ୍ପରା ମୋତେ ଅଭିଭୂତ କରିଥିଲା। ଆଧୁନିକ ବିଶ୍ୱ ମଧ୍ୟ ଶ୍ରେଣୀଗୃହରେ ଶିକ୍ଷାଦାନ କରୁଥିବା ପାରମ୍ପରିକ ଶିକ୍ଷକଙ୍କ ସହ ନିଜ ପରିବେଶ ଓ ପରିସ୍ଥିତିକୁ ଗୁରୁ ମାନ୍ୟ କଲେ ତଥା ଯଥୋଚିତ ଭକ୍ତି ପ୍ରଦର୍ଶନ କଲେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେବା ସହ ମାନବ ମୂଲ୍ୟବୋଧର ପରାକାଷ୍ଠା ବୃଦ୍ଧି ପାଇବ।

-ଲିପ୍ସା ନନ୍ଦ, ପ୍ରଧାନ ଶିକ୍ଷୟିତ୍ରୀ, ଆରସି ହାଇସ୍କୁଲ, ଖଣ୍ଡପଡ଼ା

### ଭଲ ମଣିଷ ସୃଷ୍ଟି କରିବାର ମାନସିକତା କମୁଛି



"ଗୁରୁ ଦ୍ରୋଣ ଆଉ ଏକଲବ୍ୟଙ୍କ ସମ୍ପର୍କ ଆଜି କାହାରିକୁ ପ୍ରଭାବିତ କରିପାରୁନି। ବରାଦି ଶିକ୍ଷା ଆମକୁ ଶିକ୍ଷା ମନସ୍କ ପରିବର୍ତ୍ତେ ପାଠ ମନସ୍କ କରିଛି। ଶିକ୍ଷାନୁଷ୍ଠାନର ଚାକଚକ୍ୟ ପରିବେଶ ପ୍ରତି ପ୍ରତିଯୋଗୀତା ବଢୁଥିବା ବେଳେ ଭଲ ମଣିଷ ସୃଷ୍ଟି କରିବାର ମାନସିକତା କ୍ରମଶଃ କମିବାରେ ଲାଗିଛି। ଏଥିରେ ସଂଶୋଧନ କରା ନ ଗଲେ ଭବିଷ୍ୟତ ପାଇଁ ବିପଦ ସୃଷ୍ଟି ହେବ। ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ।

-ଡ. ଅଜିତ କୁମାର ବସନ୍ତରାୟ
ଅଧାପକ, ମହିଳା ମହାବିଦ୍ୟାଳୟ, ଖଣ୍ଡପଡ଼ା

### ଗୁରୁଙ୍କ ଦ୍ୱାରା ଶୃଙ୍ଖଳିତ ସମାଜ ଗଠନ ସମ୍ଭବ



"ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ,ମହେଶ୍ୱରଙ୍କ ଭଳି ମହତ୍ୱ ଦିଆଯାଇଛି। ବାସ୍ତବରେ ଗୁରୁ ଗ୍ରହଣରେ ଓ ଗୁରୁ ପୂଜନରେ ମିଳେ ସୁଖ,ଶାନ୍ତି ଓ ଆନନ୍ଦ। କୋଟିଏ ଶାସ୍ତ୍ର ଅଧ୍ୟୟନ କଲେ ଯେଉଁ ଜ୍ଞାନ ଉପଲବ୍ଧ ହୁଏ ନାହିଁ ତାହା କେବଳ ଗୁରୁ କୃପାରୁ ହିଁ ମିଳିଥାଏ। ଯେଉଁ ଦିନ ଆମ ପିଲାମାନେ ଗୁରୁମାନଙ୍କ ଗୁରୁତ୍ୱକୁ ବୁଝି ନିଜକୁ ଶୃଙ୍ଖଳିତ, ସଭ୍ୟ, ସମୁଚିତ କରିବା ସହ ମାନବ ସେବାରେ ନିଜକୁ ସମର୍ପିତ କରିପାରିବେ, ସେଇ ଦିନ ହିଁ ସାର୍ଥକ ହୋଇପାରିବ ଗୁରୁ ଦିବସର ମହତ୍ୱ।

-ମୋନାଲୀ ସାହୁ, ଗୃହିଣୀ, ବନମାଳୀପୁର

### ଗୁରୁ ଆଦର୍ଶ ଶିଷ୍ୟ ତିଆରି କରନ୍ତି



"ଗୁରୁ ହେଉନ୍ତି ମାନବ ଜୀବନର ମୁଖ୍ୟ କାରିଗର। ରାଷ୍ଟ୍ରର ନିର୍ମାଣ ଏବଂ ପ୍ରଳୟ ଶିକ୍ଷକଙ୍କ ହାତରେ ଥାଏ। ଯଦି ଜଣେ ଶିକ୍ଷକ ଜଣେ ବିଦ୍ୟାର୍ଥୀକୁ ଠିକ୍‌ମାର୍ଗ ଦେଖାନ୍ତି ତା'ହେଲେ ସେହି ବିଦ୍ୟାର୍ଥୀ ଆଗକୁ ଯାଇ ରାଷ୍ଟ୍ର ସେବାରେ ନିଜକୁ ଆହୁତି ପ୍ରଦାନ କରିଥାଆନ୍ତି। କିନ୍ତୁ ଯଦି ଗୁରୁ ଭୁଲ ମାର୍ଗ ଦେଖାନ୍ତି ତେବେ ସେହି ବିଦ୍ୟାର୍ଥୀ ସହିତ ରାଷ୍ଟ୍ରର ଭବିଷ୍ୟତ ଅନ୍ଧାର ହେବା ଥୟ। ସେଥିପାଇଁ ଜଣେ ଆଦର୍ଶ ଗୁରୁ ଉପଯୁକ୍ତ ଶିଷ୍ୟ ତିଆରି କରିପାରନ୍ତି।

-ବୃନ୍ଦାବନ ପ୍ରଧାନ, ଛାତ୍ର, ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋ

### ଗୁରୁଶିଷ୍ୟ ଯତ୍ନବାନ ହେବା ଦରକାର



"ଆଜିର ପିଲାମାନେ ପାଠପଢ଼ା ସହିତ ଚରିତ୍ର ଗଠନ ଏବଂ ସଂସ୍କାର ଉପରେ ଗୁରୁତ୍ୱାରୋପ କରିବା ଉଚିତ। ପିଲାମାନଙ୍କ ପାଖରେ ସବୁ ସୁବିଧା ଅଛି। ସେମାନେ ଘରେ ବସି ଅନ୍‌ଲାଇନରେ କ୍ଲାସ୍ କରିପାରୁଛନ୍ତି। କିନ୍ତୁ ସବୁ ସୁବିଧା ପାଇ ମଧ୍ୟ ପିଲାମାନେ ଭଲ ମଣିଷ ହୋଇପାରୁ ନାହାନ୍ତି କିମ୍ବା ନିଜେ ସ୍ୱାବଲମ୍ବୀ ହେବାରେ ପଛରେ ପଡିଛନ୍ତି। ସେଥିପାଇଁ ଆଜି ଗୁରୁଶିଷ୍ୟର ପବିତ୍ର ପରମ୍ପରା ଲୁପ୍ତପ୍ରାୟ ହୋଇଛି। ଏହି ପବିତ୍ର ପରମ୍ପରାକୁ ବଜାୟ ରଖିବା ପାଇଁ ଉଭୟ ଗୁରୁଶିଷ୍ୟ ଯତ୍ନବାନ ହେବା ଦରକାର।

-ଲଡୁ କିଶୋର ସିଂହସାମନ୍ତ, ଅବସରପ୍ରାପ୍ତ ଶିକ୍ଷକ,ଖଣ୍ଡପଡ଼ା

### ମୌଳିକ ଶିକ୍ଷାଠାରୁ ଆମେ ଦୂରରେ



"ବିନାଗୁରୁରେ ଶିଷ୍ୟର ସଫଳତା ଅସମ୍ଭବ । ଗୁରୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କର କେବଳ ପୁସ୍ତକଗତ ଜ୍ଞାନର ଅଭିବୃଦ୍ଧି ହୁଏ ତା'ନୁହେଁ, ବରଂ ଛାତ୍ରୀଛାତ୍ରଙ୍କର ବ୍ୟକ୍ତିତ୍ୱର ବିକାଶ, ଚରିତ୍ର ଗଠନ ଓ ନୈତିକତାର ମଧ୍ୟ ବିକାଶ ଘଟିଥାଏ। ଆମର ଶିକ୍ଷା ବ୍ୟବସ୍ଥା ସମ୍ପ୍ରତି ମୌଳିକ ଶିକ୍ଷାଠାରୁ ଦୂରେଇ ଯାଇଛି। ଏହି ପରିବର୍ତ୍ତନ ହିଁ ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କରେ ଅନ୍ତରାୟ ସୃଷ୍ଟି କରୁଛି।

-ପ୍ରୀତିନନ୍ଦା ନାୟକ, ଛାତ୍ରୀ ବସନ୍ତ ବିଦ୍ୟାପୀଠ, ବାଣପୁର

**ଉପସ୍ଥାପନା: ଅଜୟ କୁମାର ମହାରଣା, ଖଣ୍ଡପଡ଼ା**

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବାଶିଷ



@ ରାଜୀବ



@ ଶଶିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସୁରକ୍ଷା ପାଇଁ ବ୍ଲକ୍ ସମ୍ମୁଖରେ ଧାରଣା ଦେଲେ ଅଙ୍ଗନୱାଡି କର୍ମୀ



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମୀମାନେ ଧାରଣାରେ ବସିଛନ୍ତି।

ନୟାଗଡ/ରଣପୁର,୪।୯(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ସୁଭଦ୍ରା ଯୋଜନା ଫର୍ମ ପାଇଁ ରଣପୁର ବ୍ଲକ ମହତପଲ୍ଲା ପଞ୍ଚାୟତ ଡିମିରିଆ ଅଙ୍ଗନୱାଡି କର୍ମୀଙ୍କୁ ମାଡ ଘଟଣା ବିବାଦୀୟ ରୂପ ନେଉଛି। ଅଙ୍ଗନୱାଡି କର୍ମୀଙ୍କ ସୁରକ୍ଷା ଦାବି ନେଇ ଶତାଧିକ ଅଙ୍ଗନୱାଡି କର୍ମୀ ବୁଧବାର ପୂର୍ବାହ୍ନ ୧୧ଟାରୁ ରଣପୁର ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ଅଙ୍ଗନୱାଡି କର୍ମୀମାନଙ୍କୁ ସୁରକ୍ଷା ଓ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣା ହୋଇଥିଲା। ବିଳମ୍ବରେ ରଣପୁର ବିଡିଓ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳରତ ଅଙ୍ଗନୱାଡି କର୍ମୀଙ୍କୁ ବୁଝାଶୁଝା କରିଥିଲେ। ତେବେ ଆନ୍ଦୋଳନରତ ଅଙ୍ଗନୱାଡି କର୍ମୀ କହିଥିଲେ ଆମେ ସୁରକ୍ଷିତ ନୁହଁ। ସୁଭଦ୍ରା ଯୋଜନାର ପ୍ରଥମ ଦିନରେ ଫର୍ମ ନେବା ପାଇଁ ଆସିଥିବା ହିତାଧିକାରୀ ସମାନ୍ୟ ବିଳମ୍ବକୁ ବିରୋଧ କରି ଅଙ୍ଗନୱାଡି କର୍ମୀଙ୍କ ଝିଅକୁ ଘରେ କବାଟ ଦେଇ ରଖିଥିଲେ। ଅଙ୍ଗନୱାଡି କର୍ମୀ ପ୍ରତିବାଦ କରିବାରୁ ମାଡ ମାରି ଆହତ କରିଥିଲେ। ଏଭଳି ଘଟଣା ନିନ୍ଦନୀୟ ହୋଇଥିବାବେଳେ ସରକାର କଠୋର ପଦକ୍ଷେପ ନେବାକୁ ନିବେଦନ କରିଥିଲେ।

# ସଫେଇ ଆଳରେ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍

ଓଡ଼ଗାଁ,୪।୯
(ଆଦର୍ଶ କୁମାର ପଟ୍ଟନାୟକ)

ବୁଧବାର ସ୍ଥାନୀୟ ୮ନଂ. ୱାର୍ଡର ପ୍ରମୋଦ ବେହେରାଙ୍କ ସ୍ତ୍ରୀ ଠକେଇର ଶିକାର ହୋଇଛନ୍ତି। ଜଣେ ଯୁବକ ପତାଳି କମ୍ପାନୀରୁ ଆସିଥିବା କହି ସୁନା, ପିତଳ ଅଳଙ୍କାର ସଫେଇ କରିବାକୁ ସମ୍ପୃକ୍ତା ମହିଳାଙ୍କୁ କହିଥିଲେ। ମହିଳା ଜଣକ ତାଙ୍କର ୨ଟି ମଙ୍ଗଳ ସୁତ୍ର ସଫେଇ କରିବାକୁ ଦେଇଥିଲେ। ହେଲେ ସମ୍ପୃକ୍ତ ଯୁବକ କିଛି ସମୟ ସଫେଇ କରିବା ପରେ କହିଥିଲେ ଏହି ଡବାରେ ସେହି ମଙ୍ଗଳସୁତ୍ର ରଖିଛି। ଅଧଘଣ୍ଟା ପରେ ଖୋଲିବ। ଆଗରୁ ଡବା ଖୋଲିଲେ ମଙ୍ଗଳସୁତ୍ରର ଚମକ ଆସିବା ନାହିଁ। ଏହା କହି ସେଠାରୁ ସେ ଛୁ ମାରିଥିଲେ। ପରବର୍ତ୍ତୀ ସମୟରେ ସେହି ଡବା ଖୋଲିଲା ବେଳକୁ ସେଥିରେ ଅସଲି ମଙ୍ଗଳସୁତ୍ର ବଦଳରେ ନକଲି ଅଳଙ୍କାର ଥିଲା। ସମ୍ପୃକ୍ତ ଯୁବକ ଉଭୟ ମଙ୍ଗଳସୁତ୍ର ନେଇ ଫେରାର ହୋଇଯାଇଥିଲେ। ସାହିର ପ୍ରବେଶ ଦ୍ୱାରରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ ପରେ ସେହି ଠକ ଯୁବକ ଏକ ବାଇକ୍‌ରେ ଚାଲି ଯାଉଥିବା ଦେଖିବାକୁ ମିଳିଛି। ସେହି ଯୁବକ ଆସିବା ଏବଂ ଫେରିବା ରାସ୍ତାରେ ମୁହଁରେ କଳା ମାସ୍କ ପିନ୍ଧିଥିଲେ। ସେ ବ୍ୟବହାର କରୁଥିବା ବାଇକ୍ ପଛ ନମ୍ବର ପ୍ଲେଟ ଉପରେ ହେଲମେଟ ବାନ୍ଧିଥିବା ବେଳେ ସାମ୍ନାରେ ଫୁଲମାଳ ଲଗାଇ ନମ୍ବରକୁ ଲୁଚାଇ ରଖିଥିଲେ। ଏସଂକ୍ରାନ୍ତରେ ଥାନାରେ ଅଭିଯୋଗ ହୋଇଥିବା ସମ୍ପୃକ୍ତା ମହିଳା କହିଛନ୍ତି।

# ନୟାଗଡ଼କୁ ୪ ସ୍ୱର୍ଣ୍ଣ, ୪ ରୌପ୍ୟ, ୧ କାଂସ୍ୟ ପଦକ

### ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

ନୟାଗଡ଼,୪।୯(ଲୋକନାଥ ମିଶ୍ର)

କଟକ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଓଡିଶା ଟାଇକୋଣ୍ଡୋ ସଂଘ ଦ୍ୱାରା ପରିଚାଳିତ ରାଜ୍ୟସ୍ତରୀୟ କିରୋଗୀ ଏବଂ ପୁମସେ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଟାଏକୋଣ୍ଡୋ ସ୍କୁଲ ଅଫ୍ ନୟାଗଡ଼କୁ ୪ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ଏବଂ ୧ଟି କାଂସ୍ୟ ପଦକ ମିଳିଛି। ସ୍ୱର୍ଣ୍ଣପଦକ ପାଇଥିବା ପ୍ରତିଯୋଗୀ ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ଓଁକାର ଦଳବେହେରା ଓ ସୋହିତ ଗଡ଼ନାୟକ ପୁମସେ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଶ୍ୟାମସୁନ୍ଦର ସିଂ କିରୋଗୀ ଓ ପୁମସେ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅନୁରୂପ ଭାବେ ୨ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିଭଳି ରୂପାଲି ସେନାପତି ଓ ସ୍ମୃତି ପ୍ରଜ୍ଞା ସାହୁ ପୁମସେ ଟାଏକୋଣ୍ଡୋ ପ୍ରତିଯୋଗିତାରେ ରୌପ୍ୟ ପଦକ ପାଇଛନ୍ତି। ମନିଷ ସେଠୀ ମଧ୍ୟ କିରୋଗୀ ଓ ପୁମସେ ଟାଏକୋଣ୍ଡୋ ପ୍ରତିଯୋଗିତାରେ ୨ଟି ରୌପ୍ୟ ପଦକ ପାଇଛନ୍ତି। ଆରତୀ କ୍ରିଷ୍ଣା ଦଳବେହେରା, ପୁମସେ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଗୋଟିଏ କାଂସ୍ୟ ପଦକ ପାଇଛନ୍ତି। ଏହି ପ୍ରତିଯୋଗିତାରେ ଟାଏକୋଣ୍ଡୋ ସ୍କୁଲରୁ ୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏମ୍ ରିତିକ ରଞ୍ଜନ ମହାପାତ୍ର କୋଚ ଭାବେ ଏବଂ ଲିଜା ପରିଡ଼ା ମ୍ୟାନେଜର ଭାବେ ଯୋଗ ଦେଇଥିଲେ।





# ୧୨ ଘଣ୍ଟା ଖୋଲା ରହିବ ଆଧାର କେନ୍ଦ୍ର

- ସୁଭଦ୍ରା ଯୋଜନାର ସମୀକ୍ଷା କଲେ ଜିଲାପାଳ
- ୮ ବ୍ଲକକୁ ଯାଇଛି ୪ ଲକ୍ଷ ୩୬ ହଜାର ଫର୍ମ

ନୟାଗଡ/ରଣପୁର,୪।୯(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ସୁଭଦ୍ରା ଯୋଜନାର ସଫଳ ରୂପାୟନ ଓ ଯୋଗ୍ୟ ହିତାଧିକାରୀ ଯୋଜନାରୁ ବାଦ୍ ନ ପଡ଼ିବା ପାଇଁ ନୟାଗଡ଼ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ବୁଧବାର ତଦାରଖ ଓ ସମୀକ୍ଷା କରିଛନ୍ତି। ଏହି ଯୋଜନାରେ ହିତାଧିକାରୀ ଯେପରି ହଇରାଣ ନ ହେବେ ସେଥିପ୍ରତି ପ୍ରାଧାନ୍ୟ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ହିତାଧିକାରୀମାନଙ୍କ ପାଖରେ ସୁଭଦ୍ରା ଯୋଜନାର ଫର୍ମ ଯୋଗାଇ ଦିଆଯାଇଛି ବୋଲି ଜିଲାପାଳ କହିଛନ୍ତି। ଜିଲାର ଭାପୁର ବ୍ଲକକୁ ୪୬ ହଜାର ୭୭୫, ନୟାଗଡ଼କୁ ୭୪ ହଜାର ୩୦୨, ରଣପୁର ବ୍ଲକକୁ ୭୪ ହଜାର ୩୨୭, ଓଡ଼ଗାଁକୁ ୮୧ ହଜାର ୬୨୩, ନୂଆଗାଁକୁ ୪୪ ହଜାର ୬୨୦, ଦଶପଲ୍ଲାକୁ ୪୫ ହଜାର ୬୧୦, ଗଣିଆ ବ୍ଲକକୁ ୧୭ ହଜାର ୪୨୮ ଏବଂ ଖଣ୍ଡପଡ଼ା ବ୍ଲକକୁ ୫୧ ହଜାର ୩୧୫ ଏହିପରି ମୋଟ୍‌ରେ ୪ ଲକ୍ଷ ୩୬ ହଜାର ଫର୍ମ ଯୋଗାଇଦିଆଯାଇଛି। ସମ୍ପୃକ୍ତ ଫର୍ମରୁ ୮ ବ୍ଲକର ୮ ସିଡିପିଓଙ୍କୁ ୩ ଲକ୍ଷ ୧୫ ହଜାର ୧୫୭, ଜିଲାର ୪୬୩ଟି ସହଜ ଜନସେବା କେନ୍ଦ୍ରକୁ ୮ ହଜାର ୯୯୦, ଜିଲାର ୩୪୬ଟି ମୋ ସେବା କେନ୍ଦ୍ରକୁ ୭ହଜାର ୪୭୦, ବିଡିଓମାନଙ୍କ ପାଖରେ ୩ ହଜାର ୩୫୦, ଏନ୍ଏସି ଓ ପୌର ପରିଷଦର ନିର୍ବାହୀ ଅଧିକାରୀମାନଙ୍କୁ ୩ ହଜାର ୬୦୦, ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନଙ୍କୁ ୮୫୦ ଏପରି ମୋଟ୍‌ରେ ୩ ଲକ୍ଷ ୩୬ହଜାର ୪୧୭ଫର୍ମ ବଣ୍ଟନ କରାଯାଇଛି। ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ରଗୁଡ଼ିକ ହିତାଧିକାରୀମାନଙ୍କ ସମସ୍ତ ଦସ୍ତାବିଜ୍ ସ୍କାନ୍ କରି ସୁଭଦ୍ରା ପୋର୍ଟାଲରେ ଅପଲୋଡ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ସୁଭଦ୍ରା ଯୋଜନାର ଯୋଗ୍ୟ ହିତାଧିକାରୀମାନେ ଯେପରି ସେମାନଙ୍କର ଆଧାର ଅପ୍‌ଡେଶନ ସୁବିଧାରେ କରିପାରିବେ ସେଥିପାଇଁ ନୟାଗଡ଼ ଜିଲାର ସମସ୍ତ ବ୍ୟାଙ୍କ, ଡାକଘର, ବ୍ଲକ କାର୍ଯ୍ୟାଳୟକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆଧାର ଅପ୍‌ଡେଶନ କେନ୍ଦ୍ରଗୁଡ଼ିକ ସକାଳ ୭ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ହିତାଧିକାରୀଙ୍କ ସୁବିଧା ଦୃଷ୍ଟିରୁ ଖୋଲା ରହିବ। ହିତାଧିକାରୀ ମହିଳାମାନଙ୍କ ସୁରକ୍ଷା ଦୃଷ୍ଟିରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ସ୍ଥାନୀୟ ଥାନା ଅଞ୍ଚଳର ଆଇଆଇସିମାନଙ୍କ ସହିତ ଯୋଗାଯୋଗ କରି ଶୃଙ୍ଖଳାର ସହ କାର୍ଯ୍ୟକ୍ରମକୁ ଆଗେଇ ନେବେ। ବିଦ୍ୟୁତ୍ ବିଭାଗ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ହିତାଧିକାରୀମାନେ ଯୋଜନାରୁ ବାଦ୍ ପଡ଼ିଯିବା ଭୟରେ ବ୍ୟସ୍ତ ଓ ବିବ୍ରତ ନ ହୋଇ ଧୈର୍ଯ୍ୟର ସହିତ ଅପେକ୍ଷା କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜିଲା ସମାଜମଙ୍ଗଳ ଅଧିକାରୀ, ଅନ୍ୟାନ୍ୟ ସଂପୃକ୍ତ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନଙ୍କୁ କାର୍ଯ୍ୟର ସଫଳ ରୂପାୟନ ନିମନ୍ତେ କାର୍ଯ୍ୟକ୍ରମର ଜିଲା ନୋଡାଲ ଅଧିକାରୀ ଦେବଦତ୍ତ ପଣ୍ଡା, ଅନୁରୋଧ କରିଛନ୍ତି।

**ଯନ୍ତ୍ରଣାରେ ଛଟପଟ ହିତାଧିକାରୀ**

ଆଧାର ସଙ୍ଗେ ମୋବାଇଲ ଲିଙ୍କ୍ ପାଇଁ ଜିଲାର ବ୍ୟାଙ୍କ, ପୋଷ୍ଟ ଅଫିସ, ବ୍ଲକ କାର୍ଯ୍ୟାଳୟ ପରି ସ୍ଥାନରେ ବୁଧବାର ଭିଡ଼ ଦେଖାଦେଇଛି। ସୁଭଦ୍ରା ଯୋଜନାରେ ପଞ୍ଜିକୃତ, ଆଧାର କାର୍ଡ ସଂଶୋଧନ କରିବା, ଆଧାର ସଙ୍ଗେ ମୋବାଇଲ ଲିଙ୍କ୍ କରିବା ପାଇଁ ହିତାଧିକାରୀଙ୍କୁ ହଇରାଣ ହେବାକୁ ପଡୁଛି। କେଉଁଠି ଧାଡ଼ି ଦେବାକୁ ପଡୁଛିତ ଆଉ କେଉଁଠି ଦିନ ତମାମ ଅପେକ୍ଷା ପରେ ବି ସୁଫଳ ମିଳୁନି। ହିତାଧିକାରୀ ଘରକୁ ଖାଦ୍ୟ ଖାଇବାକୁ ଯାଇ ପାରୁନି କି ପାଣି ପିଇବା ଓ ଶୌଚାଳୟକୁ ଯିବା ପାଇଁ ସ୍ଥାନ ଛାଡ଼ି ପାରୁନି। କେବଳ ଯନ୍ତ୍ରଣାରେ ଛଟପଟ ହେବାକୁ ପଡୁଛି। ଅପରପକ୍ଷେ କିଛି ସ୍ଥାନରେ ବାରମ୍ବାର ଲିଙ୍କ ଫେଲ ଯୋଗୁ ହିତାଧିକାରୀ ଘରକୁ ଓ ଲିଙ୍କ କରିବାକୁ ବାରମ୍ବାର ଦୌଡ଼ିବାକୁ ପଡୁଛି। ଏନେଇ ସୀତାରମ ସାହୁ କୁହନ୍ତି ସରକାର ହିତାଧିକାରୀଙ୍କ ସମସ୍ୟା ଦେଖନ୍ତୁ। ଆଧାର ସଙ୍ଗେ ମୋବାଇଲ ଲିଙ୍କ୍ ପାଇଁ ସମୟ ବଢ଼ାନ୍ତୁ। ହିତାଧିକାରୀଙ୍କ କାର୍ଯ୍ୟ କିପରି ସୁରୁଖୁରୁରେ ହେବ ସେନେଇ ବ୍ୟବସ୍ଥା କରନ୍ତୁ। ନଚେତ୍ ନୟାଗଡ଼ ବ୍ଲକରେ ବୁଧବାର ଧାଡ଼ିରେ ଠେଲାପେଲା ହୋଇ ଜଣେ ମହିଳା ଯେପରି ପଡ଼ି ଆହତ ହେଲେ ତାହା ଚିନ୍ତାର କାରଣ ପାଲଟିଛି।



ଆଧାରକେନ୍ଦ୍ର ସମ୍ମୁଖରେ ଲୋକଙ୍କ ଭିଡ଼।

